ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

୨୧ ଅକ୍ଟୋବର – ୩ ନଭେମ୍ବର, ୨୦୨୧


୨ **ବହି ବିଶେଷ** : ଡ. ମୃଣାଳ ଚାଟାର୍ଜୀ

୪ **ସ୍ମରଣୀୟ** : ମହାପାତ୍ର ନୀଳମଣି ସାହୁ

୩ **ଦେଶେଦେଶେ** : ଅବଦୁଲରଜାକ୍ ଗୁର୍ନାହ

୭ **ଅନୁବାଦ ଗଳ୍ପ** : ଶରତ କୁମାର ରାଉତ








## ବାସ୍ତବ ଓ ଅତିବାସ୍ତବର ସୀମା

# ମେମୋରିଜ୍ ଉଇଥ୍ ମାୟା

**ଲେଖକ:** କ୍ଲାଇଡ ଡିସୁଜା
**ପ୍ରକାଶକ:** ପେଙ୍ଗୁଇନ୍, ୨୦୧୩





ଡ. ମୃଣାଳ ଚାଟାର୍ଜୀ

ନିକଟରେ କ୍ଲାଇଡ ଡିସୁଜାଙ୍କ ଏକ କର୍ମଶାଳାରେ ମୁଁ ଯୋଗ ଦେଇଥିଲି। କ୍ଲାଇଡ ଡିସୁଜା ତ୍ରିମାତ୍ରିକ (ଥ୍ରି-ଡି) ସିନେମା, କୃତ୍ରିମମେଧା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ- ଏଆଇ), ଭର୍ଚୁଆଲ ରିଆଲିଟି (ଭିଆର) ଏବଂ ଅଗ୍‌ମେଣ୍ଟେଡ ରିଆଲିଟି (ଏଆର) କ୍ଷେତ୍ରରେ ଜଣେ ବିଶେଷଜ୍ଞ। ସାରା ବିଶ୍ୱରେ ସିଏ ୟା' ଉପରେ କର୍ମଶାଳାମାନ ଆୟୋଜନ କରନ୍ତି।

ଏହା ପୂର୍ବରୁ ସେ ଗୋଟିଏ ବହି ବି ଲେଖିଛନ୍ତି: ଥିଙ୍କ୍ ଇନ୍ ଥ୍ରିଡି। ଏ ବହିଟିସାରା ବିଶ୍ୱର ସିନେ ନିର୍ଦ୍ଦେଶକ ଏବଂ ସିନେମାଟୋଗ୍ରାଫରମାନଙ୍କର ଅବଶ୍ୟ ପାଠ୍ୟ ବୋଲି ଧରାଯାଏ।

ମେମୋରିଜ୍ ଉଇଥ୍ ମାୟା ଏକ କଳ୍ପ ବିଜ୍ଞାନ ଉପନ୍ୟାସ। ସାଇନ୍ସ ଫିକ୍‌ସନ। ଏ ଉପନ୍ୟାସରେ କୃତ୍ରିମ ମେଧା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ- ଏଆଇ), ଭର୍ଚୁଆଲ ରିଆଲିଟି (ଭିଆର) ଏବଂ ଅଗ୍‌ମେଣ୍ଟେଡ ରିଆଲିଟି (ଏଆର) ମଣିଷର ଜୀବନ, ଅନୁଭବ ଏବଂ ସମ୍ପର୍କକୁ କିଭଳି ପ୍ରଭାବିତ କରିପାରେ, ତା'ର ଏକ ଚିତ୍ର ଦବାର ଚେଷ୍ଟା କରାଯାଇଛି।

ଉପନ୍ୟାସର ମୁଖ୍ୟ ଚରିତ୍ର ଡାନିୟେଲ। ସେ ତା' ଜୀବନକୁ ନିଜ ବାଟରେ ଜିଇବାକୁ ଚାହେଁ। ସେ ବିଶ୍ୱାସକରେ ଯେ ବିଜ୍ଞାନ, ତର୍କ ଏବଂ କାରିଗରି ବିଦ୍ୟା ସବୁ ସମସ୍ୟାର ସମାଧାନ କରିପାରିବ। ଡାନିୟେଲ ତା'ର ବନ୍ଧୁ ତଥା ତା'ର ବାନ୍ଧବୀ ମାୟାର ଭାଇ କ୍ରୀଶ୍- ଏ ଦୁଇଜଣ ମିଶି କୃତ୍ରିମ ମେଧା ଓ ଅଗ୍‌ମେଣ୍ଟେଡ ରିଆଲିଟିକୁ ବ୍ୟବହାର କରି ଗୋଟେ ଯନ୍ତ୍ର ତିଆରି କରନ୍ତି। ଚଷମା ଭଳି ଦେଖିବାକୁ ଏ ଯନ୍ତ୍ରର ନାଁ ଦିଅନ୍ତି- ୱାଇଜର। ଏ ଯନ୍ତ୍ର ସାହାଯ୍ୟରେ ଦୂରଦୂରାନ୍ତର ଜିନିଷ ଦେଖିହୁଏ, ଗୋଟେ ଜାଗାରୁ ଅନ୍ୟ ଜାଗାକୁ ମଣିଷର ରୂପକୁ ନେଇ ଯାଇ ହୁଏ। ଏଭଳି ଯନ୍ତ୍ର ସାହାଯ୍ୟରେ କ୍ରମଶଃ ମଣିଷ ଭୌଗୋଳିକ ଦୂରତ୍ୱକୁ ଜୟ କରିପାରେ। ପୁଣି ଭୌତିକ ଦୂରତ୍ୱକୁ ଜୟ କରୁକରୁ ମଣିଷ ଜୀବିତ ଏବଂ ମୃତ ଅବସ୍ଥାର ଯେଉଁ ଦୂରତ୍ୱ ତାକୁ ବି ଜୟ କରିବା ପାଇଁ ଇଚ୍ଛାକରେ। ଜୀବିତାବସ୍ଥାରେ ମଣିଷର ଛବି ଓ ଭିଡିଓକୁ ଏଇ ଯନ୍ତ୍ର ମାଧ୍ୟମରେ ଏମିତି ଏକ ଅବସ୍ଥାରେ ରଖିହୁଏ, ଯେତେବେଳେ ଲାଗେ ଯେ ସେ ମଣିଷଟି ମରି ହିଁ ନାହିଁ। ଜୀବନ ଏବଂ ମୃତ୍ୟୁ ଭିତରର ଯେଉଁ ପାର୍ଥକ୍ୟ ତାକୁ ଏ କାରିଗରି ଜ୍ଞାନ କ୍ରମଶଃ କମେଇଦିଏ। ୟା' ଫଳରେ କିନ୍ତୁ ମଣିଷର ମାନସିକ ଓ ବୌଦ୍ଧିକ ସ୍ତରରେ ବହୁ ପରିବର୍ତ୍ତନ ଆସେ।




ଏ ଯନ୍ତ୍ର ସାହାଯ୍ୟରେ ଭର୍ଚୁଆଲ ମୋଡ୍‌ରେ ସହବାସ ବି କରିହୁଏ। ତେଣୁ କୌଣସି ଦୈହିକ ଅନୁଭୂତିକୁ ଗ୍ରହଣ କରିବାର ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ଆସିଯାଏ।

ଏ ଉପନ୍ୟାସରେ ଡାନିୟେଲ ଏବଂ ମାୟାର ସମ୍ପର୍କର ଉଠାପଡ଼ା ମାଧ୍ୟମରେ କାରିଗରି ଜ୍ଞାନ ଏବଂ ନୈତିକତାକୁ ନେଇ କେତେକ ବୁନିଆଦି ପ୍ରଶ୍ନ ଉତ୍ଥାପନ କରନ୍ତି ଲେଖକ।

ଉପନ୍ୟାସର ଗୋଟେ ଜାଗାରେ ଡାନିୟେଲ କହୁଛନ୍ତି: ଆବେଗ ହେଲା ଭାଇରସ୍ ଭଳି। ସର୍ଦ୍ଦିକାଶ ଥଣ୍ଡା ଭଳି। ତର୍କର ସ୍ୱାଭାବିକ ଗତି ଓ ବିଚରଣକୁ ଏହା କେଉଁଠି ନା କେଉଁଠି ବାଧାଦିଏ।

ତେବେ ଉପନ୍ୟାସ ଶେଷ ହେଉଛି ଗୋଟେ ପ୍ରଶ୍ନରେ: କାରିଗରି ଜ୍ଞାନ ଏବଂ ନୈତିକତା ଭିତରେ ଯଦି ସଂଘାତ ହୁଏ, ତେବେ ମଣିଷ କ'ଣ କରିବ? ନୈତିକତାର ଗୋଟେ ବନ୍ଧନ ଥାଏ। ତାକୁ ଭାଙ୍ଗି ଦେବ ନା କାରିଗରି ଜ୍ଞାନର ବିସ୍ତାରକୁ ନୈତିକତାର ବନ୍ଧ ଭିତରେ ହିଁ ରଖିବାକୁ ଚେଷ୍ଟା କରିବ?

କ୍ଲାଇଡ ଡିସୁଜାଙ୍କ ଏହି ଉପନ୍ୟାସଟିକୁ ଆମେରିକାର ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଥିକ୍ସ ଆଣ୍ଡ ଇମରଜିଂ ଟେକ୍‌ନୋଲୋଜିରେ ପାଠ୍ୟ ଭାବରେ ନିଆଯାଇଛି। ଯଦି ଆପଣ କାରିଗରି ଜ୍ଞାନ ମଣିଷକୁ କେତେବାଟ ଯାଏ ନେଇଯାଇପାରେ ତାକୁ ଗଳ୍ପ ମାଧ୍ୟମରେ ଜାଣିବା ପାଇଁ ଚାହୁଁଛନ୍ତି ଏବଂ ଏଇ ଜ୍ଞାନ ମଣିଷର ଅବବୋଧ, ଆବେଗ ଏବଂ ନିଷ୍ପତ୍ତି ନେବାର କ୍ଷମତା ଉପରେ କିଭଳି ପ୍ରଭାବ ପକାଇପାରେ, ତାହା ଜାଣିବା ପାଇଁ ଚାହୁଁଛନ୍ତି କିମ୍ବା କେବଳ କଳ୍ପ ବିଜ୍ଞାନ ଗଳ୍ପର ମଜା ନେବା ପାଇଁ ଚାହୁଁଛନ୍ତି, ତାହା ହେଲେ ଏ ବହିଟିକୁ ପଢ଼ନ୍ତୁ!

# ଭାଗଶେଷ

ନିମାଇଁ ମିଶ୍ର

ଗଳ୍ପ

ବିଚାରକମଣ୍ଡଳୀଙ୍କ ଦ୍ୱାରା ଗାଁ ଭାଗବତତୁଙ୍ଗିରେ ହୋଇଥିବା ଫଇସଲାପତ୍ର ଦୁଇଭାଇଙ୍କ ସହ ଭଦ୍ରଲୋକମାନଙ୍କ ସ୍ୱୀକୃତି ପ୍ରଦାନ ପରେ ଯିଏ ଯୁଆଡ଼େ ଆସିଥିଲେ ଫେରିଗଲେଣି। ଯାହା ନିଷ୍ପତ୍ତି ନିଆଗଲା, ଦୁଇଭାଇ ଦୁଇଖଣ୍ଡ କାଗଜ ଧରି ଘରକୁ ଫେରିଲେ; ଘରେ ବୋହୂ ଓ ଶାଶୁ ଶ୍ୱଶୁରଙ୍କ ଅଜ୍ଞାତସାରରେ। କେତେବେଳେ ଦୁଇଭାଇ ଘରକୁ ଫେରିବେ ସେମାନେ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି। ସେମାନେ ଘରେ ପହଞ୍ଚିବା ପରେ ମାଆ ସୁକାନ୍ତି ଖୁବ୍ ବ୍ୟସ୍ତ ମନରେ ବଡ଼ବୋହୂକୁ ଡାକି କହିଲେ- ଆଗ ପିଲାମାନଙ୍କୁ ଖାଇବାକୁ ଦିଅ। ପିଲା ଦିଇଟା କ'ଣ ଖାଇକରି ଯାଇଥିଲେ ଯେ ସକାଳୁ ଆସି ସନ୍ଧ୍ୟା ହେଲାଣି। କି ଫଇସଲା ହେଉଥିଲା କେଜାଣି? ହଁ! ହଁ ବୋଉ, କହି ବଡ଼ ପୁଅ ବନୋଜଙ୍କ ହାତରୁ ଫଇସଲାପତ୍ରଟା ନେଇ ଘରେ ରଖିଦେଇ ଗୀତା ସାନ ଦିଅର ସରୋଜକୁ ଡାକି କହିଲେ, ତମେ ବି ହାତମୁହଁ ଧୋଇ କରି ଆସ। ମୁଁ ଦୁହିଁଙ୍କ ଲାଗି ଭାତ ବାଢ଼ି ଦେଉଛି, ଦୁହେଁ ଖାଇନେବ।

ସାନବୋହୂ ଉମା ସରୋଜଙ୍କ ହାତରୁ କାଗଜ ଖଣ୍ଡକ ନେଇ ଶୋଇବାଘର ଖଟ ଉପରେ ବସି ମନଧ୍ୟାନ ଦେଇ ପଢ଼ିବାକୁ ଲାଗିଲେ। ଆଣ୍ଠିବାଡ଼ି ସବୁ ଠିକ୍ ସମାନ ଦୁଇଭାଗରେ ବିଭକ୍ତ ହୋଇଅଛି। ଶେଷରେ ଶାଶୁ ଶ୍ୱଶୁରଙ୍କୁ ବି ଭାଗରେ ବସାଇ ଦିଆଯାଇଛି। ମନେମନେ ବହୁତ ଖୁସି ହୋଇଗଲେ ଉମା, ଯାହାହେଉ ଶାଶୁମାଆ ତାଙ୍କ ଭାଗରେ ପଡ଼ିଛନ୍ତି, ନଚେତ୍ ଶ୍ୱଶୁର ପଡ଼ିଥିଲେ ଭାରି ଝମେଲା। ଶାଶୁଙ୍କୁ ପଟାପଟି କରି ସବୁଦିନ ଆମ ପାଖରେ ରଖିଦେବି। ଶ୍ୱଶୁରଙ୍କୁ ପାଖରେ ରଖିଲେ ଚଳାଇବା ବଡ଼ କଷ୍ଟ। ଠାକୁରେ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। କିଛି ନ ହେଲେ ଶାଶୁ ରହିଲେ, ବାସନମଜା ଓ ଝାଡୁମରା ବାବଦରେ ହେଉଥିବା ଖର୍ଚ୍ଚଟା ତ ରହିଯିବ। ଆଉ ଶାଶୁମାଆଙ୍କ ଲାଗି କେତେ ଅବା ଖାଇବା ଖର୍ଚ୍ଚ ହେବଯେ! ସେଥିପାଇଁ କଥାରେ ଅଛି ବାପାର ବଡ଼ପୁଅ ଆଉ ମାଆର ସାନପୁଅ।

ଗୀତା ସ୍ୱାମୀ ଓ ଦିଅରଙ୍କ ଖାଇବା ପିଇବା କଥା ବୁଝିସାରି ଖଟ ଉପରେ ବସି ଫଇସଲାପତ୍ରଟି ପଢ଼ିବସିଲେ। ଆଣ୍ଠିବାଡ଼ି ସବୁ ସମାନ, ହେଲେ ଶାଶୁ ଶ୍ୱଶୁରଙ୍କ ଭାଗ ଯେ ସମ୍ପୂର୍ଣ୍ଣ ଅଯୌକ୍ତିକ, ଏହା ସେ ମର୍ମେମର୍ମେ ଅନୁଭବ କଲେ ଏହି ସିଦ୍ଧାନ୍ତପତ୍ରରେ। ପୁଣି ଦୁଇଭାଇ ସ୍ୱୀକୃତି ପ୍ରଦାନ କରିଛନ୍ତି, ତାହା ହିଁ ଯନ୍ତ୍ରଣାଦାୟକ। ଶରୀରର ଶୋଣିତ ଯେପରି ବ୍ୟଗ୍ରମାନ ହୋଇ ଗତିଶୀଳ ହେବାକୁ ଲାଗିଲା। ଦେହରୁ ବୋହି ଚାଲିଲା ଗମ୍‌ଗମ୍ ହୋଇ ଝାଳ। ଖାଲି ସେ ବରଡ଼ାପତ୍ର ପରି ଥରିବାକୁ ଲାଗିଲେ। ସେତେବେଳକୁ ତାଙ୍କ ସ୍ୱାମୀ ମଧ୍ୟ ହାତ ଧୋଇ ଆସିଯାଇଥିଲେ। ରାଗ ଜର୍ଜରିତ କଣ୍ଠରେ ସେ ବନୋଜଙ୍କ ହାତଧରି କହିଲେ- ବାଃ ବାଃରେ ପୁଅ। ଆଣ୍ଠିବାଡ଼ି ସହିତ ବାପାମାଆଙ୍କୁ ବି ଭାଗରେ ବସାଇଦେଲ। ଧିକ୍ ତୁମ ପୁଅପଣିଆ। ଯିଏ ଜୀବନସାରା ତୁମକୁ ତିଳତିଳ ଦଗ୍ଧକରି, ଅଭାବ ଅନଟନ ମଧ୍ୟରେ ସବୁକିଛି ହରାଇ ତୁମକୁ ପାଳିପୋଷି ପାଠଶାଠ ପଢ଼ାଇ ରାଜରାସ୍ତାରେ ଠିଆକରି ତମକୁ ଆଲୋକର ସନ୍ଧାନ ଦେଲେ, ଶେଷରେ ତାଙ୍କ ଜୀବିତାବସ୍ଥାରେ ଅକାଟ୍ୟ ବନ୍ଧନରେ ବନ୍ଧା ହୋଇଥିବା ବନ୍ଧନକୁ ଛିନ୍ନ କରିଦେଲ। ବ୍ରାହ୍ମମୁହୂର୍ତ୍ତରେ କୁଳର ପୁରୋଧାଙ୍କ ଦ୍ୱାରା ପବିତ୍ର ବେଦଧ୍ୱନିର ଉଚ୍ଚାରଣରେ ଅଗ୍ନି ସହିତ ତେତିଶକୋଟି ଦେବତାଙ୍କୁ ସାକ୍ଷୀ ରଖି ସାତଜନ୍ମ ପାଇଁ ସ୍ନେହପ୍ରୀତି ମମତାର ଅଛିନ ଡୋରକୁ ଏଇ କାଗଜକଲମ ମାଧ୍ୟମରେ ସମାଜର କେତେଜଣ ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଥିବା ବ୍ୟକ୍ତିବିଶେଷଙ୍କ ନିଷ୍ପତ୍ତିରେ ତାକୁ ଭିନ୍ନ କରିପାରିଲ। ଏହା ବଡ଼ ବିଡ଼ମ୍ବନା ଓ ଦୁଃଖଦାୟକ କଥା। ଏଇ ସମୟରେ ସେମାନଙ୍କର ନିବିଡ଼ତା ତାଙ୍କ ପାଇଁ ପ୍ରେରଣାର ଉତ୍ସ। କେହି କାହାରିକୁ ଛାଡ଼ି ରହିବା ତାଙ୍କ ପାଇଁ ଦୁଃଖଦାୟକ। ବିଚ୍ଛେଦର ବିରହରେ ସେମାନଙ୍କର ଯେଉଁ ଖର ନିଃଶ୍ୱାସ ପ୍ରବାହିତ ହେବ, ତାହା ଯେ କେତେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ, ତାହା ତମେ କଳ୍ପନା କରିପାରୁଛ? ସେଥିରେ ତୁମର ସମସ୍ତ ଆନନ୍ଦ ଉଲ୍ଲାସ ଜଳିପୋଡ଼ି ଛାରଖାର ହୋଇଯିବ। ମୁଁ ବି ଜଣେ ନାରୀ, ଏପରି ପାପର ଭାଗୀ ହେବାକୁ ମୁଁ କାହାରିକୁ ଦେବି ନାହିଁ।

ସବୁ ଶୁଣୁଥିଲେ ଉମା। ତାଙ୍କର ଚିନ୍ତାଧାରା, ଅପା ଶ୍ୱଶୁରଙ୍କୁ ନେଇ ତାଙ୍କ ପାଖରେ ନ ରଖିବା ପାଇଁ ଏହା ଅପାଙ୍କର ନାଟକବାଜି। ଗୀତାଙ୍କ ପାଖକୁ ଯାଇ କହିଲେ- ବୁଝିଲ ଅପା, ତମେ ତ ଜାଣିଛ ସରକାରୀ ବାସଭବନର ଅବସ୍ଥା। ବର୍ଷାଦିନେ ସବୁଆଡ଼େ ପାଣି ପଚପଚ। କିଛି ନ ହେଲେ ବୋଉ ଆମ ପାଖରେ ରହିଲେ ଆମ ବୈଠକ ଘରେ ସେ ଶୋଇଯାଇ ପାରିବେ। ହେଲେ ବାପା ଗଲେ...। ତା'ପରେ ବାପାଙ୍କ ଔଷଧ ଓ ତା' ପାନ ଖର୍ଚ୍ଚ ତ ବହୁତ ଅଧିକ। ପିଲାମାନଙ୍କ ପାଠପଢ଼ା ସମୟ ହେତୁ ଆମର ସବୁବେଳେ ନିଅଣ୍ଟିଆ ବଜେଟ। ସେ ସବୁ ଦୃଷ୍ଟିରୁ ଯାହା ସମାଧାନ ହୋଇଛି, ଖୁବ୍ ଭଲ ହୋଇଛି। ତୁ ଚୁପ୍‌କର ଉମା! ମା' ବାପା ଯେପରି ଏକାଠି ରହିବେ, ତା'ର ସମସ୍ତ ବ୍ୟବସ୍ଥା ମୁଁ ହିଁ କରିବି।

ନୀରବରେ ସବୁ ଶୁଣୁଥିଲେ ଶାଶୁ ସୁକାନ୍ତି। ଦୁଇ ବୋହୂଙ୍କୁ ପାଖକୁ ଡାକି କହିଲେ, ତମେମାନେ କାହିଁକି ଏତେ ଝଗଡ଼ା ଲାଗୁଛ, ଆମେ କାହାରି ପାଖକୁ ଯିବୁନାହିଁ। ତମ ଶ୍ୱଶୁରଙ୍କର ଏହି ପରିଣତ ବୟସରେ, ସମସ୍ତ କର୍ମେନ୍ଦ୍ରିୟ ନିସ୍ତେଜ ଯୋଗୁଁ ତାଙ୍କର ସ୍ଥାଣୁ ଅବସ୍ଥାରେ ତାଙ୍କ ଦାୟିତ୍ୱ କାହା ଉପରେ ନ୍ୟସ୍ତକରି ମୁଁ ନିଶ୍ଚିନ୍ତ ହୋଇ ଏକା ରହିପାରିବି? ଉମା ଯାହା କହୁଛି, ତାହା ସମ୍ପୂର୍ଣ୍ଣ ଠିକ୍। ଗୀତାର ବି ସମାନ ଅବସ୍ଥା। ପୁଅ ଦୁହିଁଙ୍କର ତ କିରାଣି ଚାକିରି। ବସାଘର ବି ଏକାପରି। ହୋଇପାରେ ତୁମ ଦରମା ଉଣେଇଶି-ବିଶ୍। ତମ ସମସ୍ତଙ୍କର ପିଲାମାନେ ବି ପାଠ ପଢ଼ୁଛନ୍ତି। ତେଣୁ ଆମେ କାହା ଉପରେ ବୋଝ ହେବାକୁ ଚାହୁଁନାହୁଁରେ ମାଆ। ମୋ' ହାତଗୋଡ଼ ଚାଲୁଥିବା ପର୍ଯ୍ୟନ୍ତ ମୁଁ ତମ ଶ୍ୱଶୁରଙ୍କୁ କାହାରି ପାଖରେ ରହିବାକୁ ଦେବିନାହିଁ। ଆରେ ପୁଅଝିଅଙ୍କର ପାଠପଢ଼ା ଓ ବାହାଘୁଆଣିରେ ସିନା ଜମି ସବୁ ବିକ୍ରି ହୋଇଯାଇଛି, ହେଲେ ବାଡ଼ି ପୋଖରୀରେ ତ ମାଛ ଅଛନ୍ତି। ଆଉ ପୋଖରୀ ଚାରିପଟେ ଥିବା ଆମ୍ବ, ପଣସ, ନଡ଼ିଆ ଏ ସବୁ ବିକ୍ରି କଲେ ଆମ ଦୁଇଜଣଙ୍କ ପାଇଁ ଅର୍ଥ ତ ଅଭାବ ହେବନି। ମଝିରେ ମଝିରେ ତମ ପିଲାମାନଙ୍କୁ ଧରି ଆମଆଡ଼େ ବୁଲିଦେଇ ଗଲେ ଆମେ ଖୁସି।

ସବୁ ଶୁଣୁଥିଲେ ସରୋଜ ଓ ବନୋଜ। ସେମାନଙ୍କ ତୁଣ୍ଡକୁ ସତେ ଯେପରି କୌଣସି ଅଦୃଶ୍ୟ ଶକ୍ତି ଜୋର୍‌ଜବରଦସ୍ତ ତୁଣ୍ଡାମାରି ବନ୍ଦ କରିଦେଇଛି।

ପାଞ୍ଚପଡ଼ା, ଚାନ୍ଦବାଲି
ମୋ: ୯୪୩୮୨୭୩୩୪୦

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com


ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E-mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ଦେଶେଦେଶେ

# ସାହିତ୍ୟ ନୋବେଲ: ୨୦୨୧

# ଗୁର୍‌ନାହ: ଦୁଆତ ଯା'ର ଦେଶହରାଙ୍କ ଆଖିଲୁହ





**ଅବଦୁଲରଜାକ୍ ଗୁର୍‌ନାହ**


**ଅବଦୁଲରଜାକ୍ ଗୁର୍‌ନାହଙ୍କ ଜନ୍ମ ୨୦ ଡିସେମ୍ବର ୧୯୪୮ରେ, ତାଞ୍ଜାନିଆର ଜାଞ୍ଜିବର ଉପଦ୍ୱୀପରେ। କାଣ୍ଟରବରି କ୍ରାଏଷ୍ଟ ଚର୍ଚ୍ଚ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ କେଣ୍ଟ ବିଶ୍ୱବିଦ୍ୟାଳୟରୁ ଇଂଲିଶ୍‌ରେ ସ୍ନାତକୋତ୍ତର ଏବଂ ପିଏଚ୍.ଡି.। ଜାଞ୍ଜିବରରେ ଶୈଶବ ଓ କୈଶୋର ଅତିବାହିତ କରିଥିବା ଗୁର୍‌ନାହ ୧୯୬୪ରେ ସଂଘଟିତ ଜାଞ୍ଜିବର ବିପ୍ଳବ କାଳରେ ଜନ୍ମମାଟି ଛାଡ଼ି ଇଂଲଣ୍ଡ ପଳାଇ ଯାଇଥିଲେ ଏବଂ ଏଯାବତ୍ ସେଇଠି ତାଙ୍କର ବସବାସ। 'ମେମୋରି ଅଫ୍ ଡିପାରଚର୍' (୧୯୮୭), 'ପିଲ୍‌ଗ୍ରିମ୍ସ ୱେ' (୧୯୮୮), 'ଡୋଟି' (୧୯୯୦), 'ପାରାଡାଇଜ୍' (୧୯୯୪), 'ଆଡ୍‌ମାୟାରିଙ୍ଗ୍ ସାଇଲେନ୍ସ' (୧୯୯୬), 'ବାଇ ଦ' ସି' (୨୦୦୧), 'ଡେଜର୍ ସନ୍' (୨୦୦୫), 'ଦ ଲାଷ୍ଟ ଗିଫ୍ଟ' (୨୦୧୧), 'ଗ୍ରାଭେଲ୍ ହାର୍ଟ' (୨୦୧୭) ଓ 'ଆଫ୍ଟରଲାଇଭ୍‌ସ' (୨୦୨୦) ପ୍ରଭୃତି ଉପନ୍ୟାସର ସେ ବିରଳ ସ୍ରଷ୍ଟା। ଚିନୁଆ ଆଚେବେଙ୍କ ସମ୍ପାଦିତ 'ଆଫ୍ରିକୀୟ କ୍ଷୁଦ୍ରଗଳ୍ପ' ଗ୍ରନ୍ଥରେ ତାଙ୍କର 'କେଜେସ୍' (୧୯୮୪) ଗଳ୍ପ ସ୍ଥାନିତ। ବହୁ ନିବନ୍ଧ ଓ ଗବେଷଣା ପୁସ୍ତକର ଏହି ମହାନ୍ ସ୍ରଷ୍ଟା ୨୦୨୧ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।**

ଅବଦୁଲରଜାକ୍ ଗୁର୍‌ନାହ ସେଇ ଭାଗ୍ୟବାନ୍ ଆଫ୍ରିକୀୟ ଲେଖକ, ଯେ କି ୱଲେ ସୋୟିକାଙ୍କ ନୋବେଲ ପ୍ରାପ୍ତି (୧୯୮୬)ର ଦୀର୍ଘ ୩୫ ବର୍ଷ ପରେ ୨୦୨୧ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୯୯୩ରେ ଟୋନି ମରିସନ୍‌ଙ୍କ ନୋବେଲ ପ୍ରାପ୍ତି (୧୯୯୩) ପରେ ସେ ମଧ୍ୟ ଏ କ୍ଷେତ୍ରରେ ପ୍ରଥମ କୃଷ୍ଣକାୟ ଲେଖକ। ୧୦ଟି ଉପନ୍ୟାସ ଓ ବହୁ ସଫଳ କ୍ଷୁଦ୍ରଗଳ୍ପର ଏହି ବିରଳ ସ୍ରଷ୍ଟା ଗତ ଶତାବ୍ଦୀର ଷାଠିଏ ଦଶକରେ, ଯେତେବେଳେ ନିଜ ମାତୃଭୂମି ଜାଞ୍ଜିବର ଛାଡ଼ିବାକୁ ବାଧ୍ୟ ହୋଇଥିଲେ, ସେତେବେଳେ ଥିଲେ ଜଣେ ଉଦୀୟମାନ ଛାତ୍ର। ଜାଞ୍ଜିବରର ତତ୍କାଳୀନ ଉପନିବେଶବାଦୀ ସରକାର ମୂଳ ଆରବୀ ଲୋକଙ୍କୁ ଦେଶରୁ ବହିଷ୍କାର କରୁଥିଲେ ଓ ବିପ୍ଳବର ଅଗ୍ନି ସମଗ୍ର ତାଞ୍ଜାନିଆରେ ଲେଲିହାନ୍ ଶିଖା ତୋଳି ଜଳି ଉଠିଥିଲା। ଲଣ୍ଡନରେ, ଜଣେ ଦେଶହରା ଶରଣାର୍ଥୀ ଭାବେ ମାତ୍ର ୨୧ ବର୍ଷ ବୟସରେ ଗୁର୍‌ନାହ ଆରମ୍ଭ କରିଥିଲେ ତାଙ୍କ ଲେଖକୀୟ ଜୀବନ ଏବଂ ସେଇଦିନରୁ ନିପୀଡ଼ିତ ଶରଣାର୍ଥୀଙ୍କ ଲୁହକୋହଭରା ଜୀବନସ୍ମୃତି ହୋଇ ଉଠିଥିଲା ତାଙ୍କ ଗଳ୍ପ ଓ ଉପନ୍ୟାସର ଲୋମଟାଙ୍କୁରା ବିଷୟ-ପୁଞ୍ଜି। 'ସ୍ୱାହିଲି' ଯଦିଓ ଥିଲା ତାଙ୍କର ପ୍ରଥମ ଭାଷା, କିନ୍ତୁ ଇଂଲିଶ୍‌ରେ ଲେଖିବାକୁ ସେ ନିଷ୍ପତ୍ତି ନେଇଥିଲେ।

୭ ଅକ୍ଟୋବର ୨୦୨୧ରେ ସାହିତ୍ୟ ପାଇଁ ନୋବେଲ ଘୋଷଣା ସମୟରେ ଷ୍ଟକ୍‌ହୋମ୍‌ଠାରେ ସମବେତ ଖବରଦାତାମାନଙ୍କୁ ସମ୍ବୋଧନ କରି ନୋବେଲ କମିଟିର ଅଧ୍ୟକ୍ଷ ଆଣ୍ଡର୍ସ ଓଲ୍‌ସନ୍ କହିଛନ୍ତି: "ଗୁର୍‌ନାହ ତାଙ୍କ ଲେଖାରେ ନିରନ୍ତର ଭାବେ ଓ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ପୂର୍ବ ଆଫ୍ରିକାରେ ଉପନିବେଶବାଦର ପ୍ରଭାବ ଓ ପ୍ରତିକ୍ରିୟାକୁ ରୂପ ଦେବା ସହ ଉପନିବେଶବାଦ କିପରି ବିସ୍ଥାପିତଙ୍କ ଜୀବନକୁ ଛିନ୍ନମୂଳ ଓ ଅସହାୟ କରି ତୋଳିଛି, ତାହାର ଜୀବନ୍ତ ବର୍ଣ୍ଣନା କରିଛନ୍ତି। ତାଙ୍କ ଲେଖା ଅନୁଭୂତିସିଦ୍ଧ ଓ ଅଭିବ୍ୟକ୍ତି ଗତାନୁଗତିକତାରୁ ମୁକ୍ତ। ଅନେକଙ୍କୁ ଅବିଦିତ ପୂର୍ବ ଆଫ୍ରିକାର କରୁଣ ବୈବିଧ୍ୟ ତାଙ୍କ ରଚନାରେ ସାକାର।"




ଲେଖକଙ୍କର ଦୀର୍ଘକାଳୀନ ସମ୍ପାଦିକା ଆଲେକ୍‌ଜାଣ୍ଡ୍ରା ପ୍ରିଙ୍ଗଲ ବ୍ଲୁମ୍‌ସବରିଠାରେ କହିଛନ୍ତି ଯେ, ପୂର୍ବରୁ କାଂକ୍ଷିତ ସ୍ୱୀକୃତି ପାଇନଥିବା ଗୁର୍‌ନାହ ସାହିତ୍ୟରେ ନୋବେଲ ପାଇବା ପାଇଁ ଅତ୍ୟନ୍ତ ଯୋଗ୍ୟ। ଏବର ଜୀବିତ ଆଫ୍ରିକୀୟ ଲେଖକଙ୍କ ମଧ୍ୟରେ ସେ ସବୁଠୁଁ ମହତ୍ତମ। ବିଡ଼ମ୍ବନାର ବିଷୟ ଯେ, ତାଙ୍କର ଲେଖକୀୟ ଉଚ୍ଚତା ଏଯାବତ୍ କାହାରି ଆଖିରେ ପଡ଼ିନଥିଲା। ଜଣେ ଉପେକ୍ଷିତଙ୍କୁ ଏବେ ମିଳିଲା ତାଙ୍କର ଯଥାର୍ଥ ପ୍ରାପ୍ୟ। ଗୁର୍‌ନାହ ତାଙ୍କ ଦୀର୍ଘ ଲେଖକୀୟ ଜୀବନରେ ସବୁବେଳେ, ପ୍ରାୟ ସବୁ ଲେଖାରେ ସ୍ୱଭୂମିରୁ ଉତ୍ପାଟିତ ଓ ନାନା ସଂସ୍କୃତି, ନାନା ଭୂଖଣ୍ଡରେ ନିକ୍ଷିପ୍ତ ବାସଚ୍ୟୁତ ହତଭାଗିନୀ ହତଭାଗା ଲୋକଙ୍କ ଦୁଃଖ ଖୁବ୍ ନିକ ଓ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିଥା'ନ୍ତି।


ଶ୍ରୀମତୀ ପ୍ରିଙ୍ଗଲ୍ ପୁଣି କହିଛନ୍ତି: "ବ୍ଲୁମ୍‌ସବରିରେ ଯେତେବେଳେ ମୁଁ ତାଙ୍କର ଉପନ୍ୟାସ 'ବାଇ ଦ' ସି' ପଢ଼ିଲି, ହତବାକ୍ ହୋଇଗଲି। ସେଥିରେ ଏପରି ଜଣେ ମଣିଷର ହୃଦୟବିଦାରକ ଛବି ପ୍ରଦତ୍ତ ହୋଇଛି, ଯିଏ ହିଥ୍ରୋ ବିମାନବନ୍ଦରରେ ତା'ର ଏକମାତ୍ର ସମ୍ବଳ ଗୋଟିଏ ଭଙ୍ଗା ବାକ୍ସ ଧରି ଠିଆ ହୋଇଛି ଏବଂ ତା' ମୁହଁରୁ ଗୋଟିଏମାତ୍ର ଶବ୍ଦ ସ୍ଫୁରୁଛି- 'ଆଶ୍ରୟ' (Asylum)। ଗୁର୍‌ନାହ ଆମ ସମୟର ଏପରି ଗୁରୁତ୍ୱପୂର୍ଣ୍ଣ ଜଣେ ଲେଖକ, ଯାହାଙ୍କର ତୁଳନା କେବଳ ଚିନୁଆ ଆଚେବେ। ସୌନ୍ଦର୍ଯ୍ୟ, ଗଭୀରତା, ଆମୋଦଦାୟିତା, କରୁଣା ଓ ସ୍ପର୍ଶକାତରତାରେ ଭରପୂର ତାଙ୍କର ପ୍ରାୟ ଲେଖା। ଏକ ବାକ୍ୟରେ କହିଲେ ମହତ୍ତ୍ୱପୂର୍ଣ୍ଣ ଘଟଣାବଳୀକୁ ନେଇ ସାହିତ୍ୟ ରଚନା କରୁଥିବା ଜଣେ ଅତି ଅସାଧାରଣ ଲେଖକ ହେଉଛନ୍ତି ଗୁର୍‌ନାହ।"

୨୦୨୦ରେ ପ୍ରକାଶିତ ଗୁର୍‌ନାହଙ୍କର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଉପନ୍ୟାସ "Afterlives", ଯାହା ହେଉଛି ନିଜ ମା'ବାପାଙ୍କଠାରୁ ଏକ ଜର୍ମାନ୍ ଅଭିଯାତ୍ରୀ ଦଳ ଦ୍ୱାରା ଅପହୃତ ଓ ବହୁ ପରେ ମୁକ୍ତ ଏକ ବାଳକର ଜୀବନକଥା। ଗାର୍ଡିଆନ୍ ପତ୍ରିକାରେ କୁହାଯାଇଛି ଯେ, ଏହି ଉପନ୍ୟାସ ହେଉଛି ବିସ୍ମୃତପ୍ରାୟ ମଣିଷଙ୍କ ବିଶ୍ୱସ୍ତ ସତ୍ୟଲିପି ଓ ଏକ 'ଅବଶ୍ୟ ପାଠ୍ୟ ଉପନ୍ୟାସ'। ବ୍ରିଟିଶ୍ ଓ ଜର୍ମାନ୍ ଉପନିବେଶବାଦର ଭୁକ୍ତଭୋଗୀ ଗୁର୍‌ନାହଙ୍କ ପ୍ରତି ଏହାଠାରୁ ବଳି ପ୍ରଶସ୍ତିସୂଚକ ବାକ୍ୟ ବା ଆଉ କ'ଣ ହୋଇପାରେ!

ନୋବେଲ ଘୋଷଣାର ଠିକ୍ ପରେ ପରେ ନୋବେଲ ପରିବାର ପକ୍ଷରୁ ମୁଖ୍ୟ ବୈଜ୍ଞାନିକ ଅଫିସର ଆଡାମ୍ ସ୍ମିଥ୍ ଯେତେବେଳେ ମୋବାଇଲ୍‌ରେ ଗୁର୍‌ନାହଙ୍କର ସାକ୍ଷାତ୍‌କାର ନେବାକୁ ଚାହିଁଲେ ଓ ତାଙ୍କର ପ୍ରତିକ୍ରିୟା ଜାଣିବାକୁ ଇଚ୍ଛା କଲେ, ଉତ୍ତରରେ ଗୁର୍‌ନାହ କହିଲେ, "ନୋବେଲ ପୁରସ୍କାର ପ୍ରାପ୍ତିର ଖବର ମୋ ପାଖରେ ପହଞ୍ଚିଲା ବେଳକୁ ମୁଁ ରାନ୍ଧଣାଘରେ ଥିଲି ଓ ମୋର ମନେହେଲା ଏହା ଏକ ଉଡ଼ା ଖବର। କାରଣ ମୁଁ ଜାଣେ ଯେ, ନୋବେଲ ଘୋଷଣା ସମୟ ପାଖେଇ ଆସିଲେ ନାନା କଳ୍ପନାଜଳ୍ପନା ପବନରେ ଉଡ଼େ। ଏହା ହୁଏତ ହୋଇଥିବ ସେହିପରି ଏକ ଗୁଲିଗପ। ପରେ କିନ୍ତୁ ମୁଁ ନିଶ୍ଚିତ ହେଲି। ଗୌରବାବହ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ଓ ଏହି ପୁରସ୍କାର ପାଇଥିବା ପୂର୍ବବର୍ତ୍ତୀ ବହୁ ଯୋଗ୍ୟତମ ଲେଖକଙ୍କ ସହ ମୋ' ନାଁ ଯୋଡ଼ି ହୋଇ ଯାଇଥିବାରୁ ମୁଁ ଆନନ୍ଦିତ ଓ ଗର୍ବିତ।" ସ୍ମିଥ୍‌ଙ୍କ ଶେଷ ପ୍ରଶ୍ନ ଥିଲା- "ଏହି ପୁରସ୍କାର ପାଇଥିବା ବୈଜ୍ଞାନିକମାନେ ତାଙ୍କ ଅବଦାନକୁ 'ଆହରଣର ଆନନ୍ଦ' (Joy of exploring) ବୋଲି ଅଭିହିତ କରିଥା'ନ୍ତି। ଲେଖା କ୍ଷେତ୍ରରେ କ'ଣ ଆପଣଙ୍କର ଏପରି ଅନୁଭୂତି ହୁଏ?" ଗୁର୍‌ନାହ କହିଥିଲେ- "ମୁଁ ଆନନ୍ଦ ଅନୁଭବ କରେ ସେତିକିବେଳେ, ଯେତେବେଳେ ମୋ' ଲେଖାଟିର ଲେଖିବା ସରିଯାଏ। ମୋ' ମତରେ ଲେଖିବା କାର୍ଯ୍ୟଟି ହେଉଛି ଏକ ନିର୍ମାଣର ଆନନ୍ଦ, କାରିଗରିର ଆନନ୍ଦ। ଏହା ମଧ୍ୟ ଅନ୍ୟଠିଁ ପହଞ୍ଚିବାର, ଅନ୍ୟକୁ ବାଣ୍ଟିଦବାର, ପ୍ରବର୍ତ୍ତାଇବାର ଆନନ୍ଦ।"

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
**ମୋ: ୯୮୫୩୨୮୭୭୫୫**

ସ୍ମରଣୀୟ



ମହାପାତ୍ର ନୀଳମଣି ସାହୁ

# ଅପରାଜିତ

ମୁଁ ଯଦିଓ ଜଣେ ନାମଜାଦା ଲୋକ- ତେବେ ମୋର ଚେହେରାରୁ ସେବକ ବାରିବା ସମ୍ଭବ ନୁହେଁ। ପ୍ରଥମତଃ ଲୋକେ ଯାହାର ଗୁଣ ପରୋକ୍ଷରେ ଜାଣିଥିବେ; ମାତ୍ର ପ୍ରତ୍ୟକ୍ଷରେ ଦେଖି ନ ଥିବେ, ସେଇଭଳି ଗୁଣୀର ଚେହେରା ସମ୍ପର୍କରେ ନିଜର ରୁଚି ଓ କଳ୍ପନା ଅନୁଯାୟୀ ସେମାନେ ତାକୁ ପ୍ରତ୍ୟକ୍ଷ କରିବାକୁ ଏକ ବାଧ୍ୟତାମୂଳକ ଇଚ୍ଛାପ୍ରକାଶ କରନ୍ତି। ବମ୍ୱାସ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତିଟି ଷ୍ଟେଜ୍ ବାହାରେ ଅତି ଦେବୋପମ ଚେହେରାର ହୋଇପାରେ କିମ୍ବା ଅତି ସୁନ୍ଦର ରସଉଚ୍ଛ୍ୱସିତ ରୋମାଣ୍ଟିକ୍ ଗୀତିକବିତା ଲେଖୁଥିବା କବିଟି ଆକୃତିରେ ଗୋଟାଏ ଟାଙ୍ଗରାମୁଣ୍ଡିଆ, ଟେରା, କାଳିଆ ଓ କଖାରୁଆ ପେଟା ହୋଇପାରେ- ଏକଥା ଗୁଣଗ୍ରାହୀ ବ୍ୟକ୍ତିମାନେ ବୁଝିବାକୁ ନାରାଜ।

ମୋ' ଭଳି ଜଣେ ଏକଦା ବିଶିଷ୍ଟ ବୈଜ୍ଞାନିକ ପକ୍ଷରେ ପ୍ରାୟ ଏମିତି ଦୁର୍ଦ୍ଦଶା ଘଟିଥାଏ। ଏକଦା ବିଶିଷ୍ଟ ବୈଜ୍ଞାନିକ କହିବାର ହେତୁ ହେଉଛି, ଆଜିକୁ ପ୍ରାୟ ପଚିଶ ବର୍ଷ ତଳେ ଏହି ଲେଖକ (ପ୍ରକୃତରେ କିନ୍ତୁ ବୈଜ୍ଞାନିକ) ଦିନେ ଜୁଳୁଜୁଳିଆ ପୋକର ପଛପଟ ଆଲୋକରୁ ଅଲଟ୍ରା ଆନିମେଟେଡ୍ ୱାଇ ରେଜ୍ (ଅତି-ଜୈବିକ ୱାଇ ରଶ୍ମି) ବାହାର କରି କର୍କଟ ରୋଗର ବିଭୀଷିକାରୁ ପୃଥିବୀକୁ ରକ୍ଷା କରିବାକୁ ବସିଥିଲା। ବହୁ ରାସାୟନିକ ପରୀକ୍ଷା ଓ ପ୍ରୟୋଗ ସମ୍ପନ୍ନ କରିସାରି ଫଳ ଘୋଷଣା କରିବାକୁ ଆଉ ଅଳ୍ପଦିନ ଥିଲା। ମୂଷାମାନଙ୍କ ଉପରେ ପରୀକ୍ଷା ସଫଳ ହୋଇଗଲା- ମାତ୍ର ଶତକଡ଼ା ୩୪.୭ ବିଲେଇଙ୍କ ଉପରେ କୌଣସି କାରଣରୁ ଏକ ଧ୍ୟାନୀୟ ରକ୍ତକଣିକା ସୃଷ୍ଟି ହୋଇ ସେମାନଙ୍କ ନିଶ ଉପରେ ଏକ ପକ୍ଷାଘାତଜନିତ ପ୍ରତିକ୍ରିୟା ହେବାରୁ ସମସ୍ୟା ଉପୁଜିଲା। ସେ ସମସ୍ୟା କିଛି ନୁହେଁ- ବି' ଭିଟାମିନ୍ ଗ୍ରୁପ୍ ସଙ୍ଗେ ଅଲ୍‌ଟ୍ରା ଆନିମେଟେଡ୍ ୱାଇ ରେଜର ଗୋଟାଏ ସ୍ତରରେ ବିରୋଧ ଘଟୁଥିଲା। ମୁଁ ଆହୁରି ଗବେଷଣା କରି ବି' ଗ୍ରୁପ୍‌ର ପ୍ରାୟ ଅଧିକାଂଶ ଭିଟାମିନ୍ ସଙ୍ଗେ ଏହାର ବିରୋଧ ଭାଙ୍ଗିଥିଲି- ମାତ୍ର ଭିଟାମିନ୍ ଦୁଇ ଓ ବାର ଏଇ ଦୁଇଟା ମୋତେ ଖୁବ୍ ଅଡୁଆରେ ପକାଇଥିଲା। ଦିନରାତି ଅନିଦ୍ରା ଅନାହାରରେ ବହୁ ଗବେଷଣା କଲି। ତା' ଫଳରେ ଦରିଦ୍ର ଓ କ୍ଷୀଣସ୍ୱାସ୍ଥ୍ୟ ହେଲି। ମାତ୍ର ସରକାର ତ ଏଥିରେ କିଛି ସାହାଯ୍ୟ କଲେ ନାହିଁ। ମୋର ସମକାଳୀନ ବୈଜ୍ଞାନିକମାନେ ମୋତେ 'ପାଗଳ' ବୋଲି ଘୋଷଣା କଲେ। ମୋର ପରବର୍ତ୍ତୀ ବୈଜ୍ଞାନିକମାନେ ମଧ୍ୟ ମୁଁ ଯୋଉଠୁ ଛାଡ଼ିଥିଲି, ସେଠୁ ଆରମ୍ଭ ନ କରି କର୍କଟ ରୋଗର ଔଷଧ ପାଇଁ ଅନ୍ୟ ପ୍ରକାରର ଗବେଷଣା ଆରମ୍ଭ କଲେ। ମୁଁ ନିରାଶ ଓ ନିରସ୍ତ୍ର ହୋଇ ରହିଲି। ଅବଶ୍ୟ ନିଜକୁ ଓ ନିଜର ଏ ଉଦ୍ୟମ ଏବଂ କୃତିତ୍ୱକୁ ଲୋକଲୋଚନକୁ ଆଣିବା ଲାଗି କେତେକ ଉତ୍ସାହୀ ଯୁବକ ଚେଷ୍ଟା କରିଥିଲେ। ସେ ସମୟର ବହୁ ଜନପ୍ରିୟ ସାପ୍ତାହିକ ଓ ମାସିକରେ ମୋର ଫଟୋ ଓ ଜୀବନୀ ପ୍ରକାଶ ପାଇଥିଲା। ତତ୍‌ସତ୍ତ୍ୱେ ବି ମୋର ପ୍ରକୃତ ଚେହେରା ଦେଖି ହାଟବଜାରରେ, ଷ୍ଟେଶନରେ, ବସ୍ ଭିତରେ ବା କୌଣସି ସର୍ବସାଧାରଣ ସ୍ଥାନରେ କେହି ଠଉରାଇ ପାରନ୍ତି ନାହିଁ ଯେ, ମୁଁ ସେଇ ଅମୁକ ପ୍ରସିଦ୍ଧ ସ୍ୱନାମଧନ୍ୟ ବୈଜ୍ଞାନିକ, ଯେ କି ଜୁଳୁଜୁଳିଆପୋକର ପଛପଟ ଆଲୋକରୁ ଇତ୍ୟାଦି ଇତ୍ୟାଦି ବାହାର କରିବା ଲାଗି ଉଦ୍ୟମ କରୁଛନ୍ତି- କରୁଥିଲେ ବା କରିଥିଲେ। ତା'ର କାରଣ ହେଲା ମୋ' ଭଳି ଜଣେ ବିଶିଷ୍ଟ ବୈଜ୍ଞାନିକର ଚେହେରାଟି ଯେ ଗୋଟାଏ ସର୍କସ୍‌ର କ୍ଲାଉନ୍ ଭଳି ଦିଶିବ- ଏହି ନଗ୍ନ ସତ୍ୟଟିକୁ ମୋର ଗୁଣଗ୍ରାହୀ ବା ସାଧାରଣ ବ୍ୟକ୍ତିମାନେ କେହି ସହ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି। ଓଡ଼ିଶାର ଏକଦା ଜଣେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଚେହେରାରୁ ବାରି ନ ପାରି ଜଣେ କନ୍‌ଷ୍ଟେବଲ୍ ତାଙ୍କୁ କିପରି ହଇରାଣ କରିଥିଲେ, ସେକଥା ଅନେକଙ୍କର ମନେଥିବ। ସୁପ୍ରସିଦ୍ଧ ଜ୍ୟୋତିର୍ବିଦ୍ ବୈଜ୍ଞାନିକ ପଠାଣି ସାମନ୍ତ ମଧ୍ୟ ସେମିତି ଦୁର୍ଦ୍ଦଶାରେ ବହୁବାର ପଡ଼ିଥିଲେ ବୋଲି କିମ୍ବଦନ୍ତୀ ଅଛି।

ଆଉ ଗୋଟିଏ କାରଣ ମଧ୍ୟ ଥାଇପାରେ, ମୋର ଫଟୋ ସଙ୍ଗେ ମୋର ବାସ୍ତବ ଚେହେରାର ବହୁ ଅମେଳ ଦେଖାଯାଏ। ଫଟୋରେ ମୁଁ କେମିତି ଗୋଟେ ଆଉ ପ୍ରକାରେ ଦିଶେ, କିଏ ଫଟୋ ନେଲାବେଳେ- ମୋର ଆଖି ବିସ୍ଫାରିତ ହୋଇଯାଏ। ଗୋଟାଏ ସୁନ୍ଦରର ଆହ୍ୱାନରେ ପ୍ରତ୍ୟୁତ୍ତର ବା ଅସୀମ ପ୍ରତି ଗୋଟାଏ ପ୍ରସାରିତ ଚାହାଣି ମୋ' ଆଖିରେ ଛାଏଁ ଛାଏଁ ଫୁଟିଉଠେ। (ଅସଲ କଥା- ନୋବେଲ୍ ପ୍ରାଇଜ୍ ଲାଗି ଗୋଟାଏ ଦିବାସ୍ୱପ୍ନ ମୁଁ ପ୍ରାୟତଃ ଦେଖେ!) ଦୁଇଟିଯାକ ଓଠ ରୁଦ୍ଧ ହୋଇ ଦୁଇପଟ ଗାଲକୁ ଦୁଇ ଆଡ଼କୁ ଟେକି ଦିଅନ୍ତି। ଯେମିତି ମନେହେବ- ଏ ପାଟି ବେଶି କିଛି କହେନି- କିନ୍ତୁ ଏ ଆଖି ସବୁ କିଛି ଦେଖିପାରେ ଓ ଦେଖୁଅଛି। ମୋଟାମୋଟି ଆୟୁର୍ବେଦ ଗଗନର ରସାୟନ ଭାସ୍କର ଏକ ବୃହତ୍ ଚନ୍ଦ୍ରୋଦୟ ମକରଧ୍ୱଜ ଭଳି ଏକ ବୃହତ୍ ବିଜ୍ଞାନୀର ଦୂରଦୃଷ୍ଟି ସଙ୍ଗେ ମିଶିଯାଏ ସୂକ୍ଷ୍ମଦୃଷ୍ଟି। ପୁଣି ଫଟୋଗ୍ରାଫର ମୋ' ମୁହଁର ଏମିତି ଗୋଟାଏ ଆଙ୍ଗଲରୁ ଫଟୋନିଏ- ଯୋଉ ଆଙ୍ଗଲଟା ମୋର ଦୈନନ୍ଦିନ ଜୀବନରେ ମୋ' ଜାଣତରେ ବା ଅଜାଣତରେ ମୁଁ ସତରେ ଦେଖାଏ କି ନାହିଁ କେଜାଣି! ତେଣୁ ଶାଁ ଶାଁ ତେବେ କଦବା ମୋର ଫଟୋ ଦେଖି ମୋତେ ଚିହ୍ନିବା ମୁସ୍କିଲ। ତା' ଛଡ଼ା- ସେ ଆଜକୁ ପଚିଶବର୍ଷ ତଳର କଥା। ଆଉ ତ ଏବେ ମୋର ଫଟୋ କ'ଣ- ନାଁ ମଧ୍ୟ କେହି ଜାଣନ୍ତି କି ନା ଜାଣିବାର କଥା ଶୁଣି ନାହିଁ। କିନ୍ତୁ ମୋତେ ଲୋକେ ଚିହ୍ନିଥିବେ- ନିଶ୍ଚୟ ଚିହ୍ନିଥିବେ- ଏଭଳି ଗୋଟାଏ ଅନ୍ଧ ଆତ୍ମବିଶ୍ୱାସ ବା ସୁନ୍ଦର ପରାହତ ଆଶା ମୋ' ଅନ୍ତର ମଧ୍ୟରେ ଲୁକ୍କାୟିତ ରହିଛି- ଆଜି ପର୍ଯ୍ୟନ୍ତ ରହିଛି। ଏଥିଲାଗି ମୁଁ କମ୍ ଅପଦସ୍ଥ ହୋଇନାହିଁ- କିନ୍ତୁ ସେପରି ଭାବିବାର ଅଭ୍ୟାସ ମଧ୍ୟ ମୁଁ ଛାଡ଼ିପାରି ନାହିଁ। କାରଣ- ମୋତେ ଆଉ କେହି ଚାହାନ୍ତି ନାହିଁ- ଏ ବିଶ୍ୱାସ ଥରେ ପ୍ରତିଷ୍ଠିତ ହୋଇଗଲେ- ମୋର ଜୀବନ ପ୍ରତି ମମତା ତୁଟିଯିବ।

ତେଣୁ ଏଇ ଅଳ୍ପଦିନ ତଳେ ସେଦିନ ଡାକ୍ତରଖାନାରେ ଅତି ତରୁଣ ଡାକ୍ତରଟି ଯେ ମୋତେ ଚିହ୍ନି ନ ପାରିବ- ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବା ଗ୍ଲାନିବୋଧ କରିବାର କିଛି ନାହିଁ। ଡାକ୍ତରଟି ଏଇ କିଛିଦିନ ହେଲା ଡାକ୍ତରୀ ପାସ୍‌କରି ଏଠି ନୂଆ ଚାକିରି ପାଇଛି। ମୋର ପୁଅ ବୟସର ହେବ। ବେଶି ଲମ୍ବା ନୁହଁ- କିନ୍ତୁ ସୁସ୍ଥ ଚେହେରା। ଗହମ ରଙ୍ଗର ମୁହଁଟି ପାତିଆ ପରି। ସିଧା ନାକ- ତା' ତଳେ ସରଳ କୋମଳ ରେଖାର ସୂକ୍ଷ୍ମ ନିଶ ଦି'ପଟି। ସରୁ ପାତଳ ଓଠ। ଦାନ୍ତ ଦି'ପାଟି ଦୁଧଭଳି। ମଥାରେ ଛୋଟ ଛୋଟ ଅଥଚ ଘନ ନୁଖୁରା ବାଳ- କଦମ ଫୁଲ ପରି। ଯେ କୌଣସି ପିତୃ-ହୃଦୟ ସେ ମସ୍ତକକୁ ବାତ୍ସଲ୍ୟ ବିଭୋରତାରେ ଆଘ୍ରାଣ କରିବାକୁ ଉତ୍ତେଜିତ ହୋଇପଡ଼ିବ, କିମ୍ବା ମୋ' ବୟସର ଯେ କେହି ନିଶ୍ଚୟ ତା'ର ପରମ ସୌଭାଗ୍ୟବତୀ ସୁଲକ୍ଷଣା ରୂପଯୌବନା ସମ୍ପନ୍ନ ଜ୍ୟେଷ୍ଠାକନ୍ୟା ଆୟୁଷ୍ମତୀ ଅମୁକାକୁ ତା' ହାତରେ ସମର୍ପଣ କରି ତାକୁ ଜାମାତା ଭାବେ ଉପଭୋଗ କରିବାକୁ ଲାଳାୟିତ ହୋଇ ଉଠିବ।

ମୁଁ ଯୁବ ଡାକ୍ତରଟି ପାଖରେ ପହଞ୍ଚିବା ପାଇଁ ତା' ଚାରିପଟେ ମଣ୍ଡଳାକାରରେ ତିଆରି ହୋଇଥିବା କ୍ୟୁରେ ଯୋଗଦେଲି। ମୋ' ଆଗରେ ଛଅଜଣ ରୋଗୀ ଥିଲେ ଓ ମୋ' ପଛରେ ଥିଲେ ପ୍ରାୟ ଦଶଜଣ। ପ୍ରତ୍ୟେକ ରୋଗୀ ପାଇଁ ସେ ପ୍ରାୟ ପାଞ୍ଚ ମିନିଟ୍ ନେଉଥିଲେ। ମୁଁ ଧରିନେଲି- ମୋ' ପାଳି ଆଉ ଅଧଘଣ୍ଟାଏ ବା ଚାଳିଶ ମିନିଟ୍ ପରେ। ଅବଶ୍ୟ ମଝିରେ ମଝିରେ କୌଣସି ବେହେରା, ଫାର୍ମାସିଷ୍ଟ ବା ନର୍ସ ଆସି କ'ଣ ସବୁ କାଗଜ ଦେଖାଇ କିଛି ପରାମର୍ଶ ନେଉଥା'ନ୍ତି। କେତେବେଳେ ଗମ୍ଭୀର ବା କେତେବେଳେ ସ୍ମିତହାସ୍ୟରେ ସେ ସବୁ ସମାଧାନ କରୁଥା'ନ୍ତି। ନିଜର ଡାକ୍ତରୀ- ବ୍ୟକ୍ତିତ୍ୱ, ରୋଗ ନିରୂପଣରେ ସଠିକତା, ଔଷଧ ପ୍ରୟୋଗ ନିର୍ଦ୍ଦେଶରେ ବିଜ୍ଞତା, ପଥ୍ୟ ପରାମର୍ଶାଦିରେ ନିପୁଣତା ଆଦି ଉପରେ ସେ ଖୁବ୍ ସଚେତନ ଓ ଦୃଢ଼ତା ଦେଖାଉଥିଲେ। ତାଙ୍କର କଥାରେ କିଞ୍ଚିତ୍ ଗର୍ବ ଓ ବେପରୁଆ ଭାବ ମଧ୍ୟ ଫୁଟୁଥିଲା। ସମସ୍ତ ରୋଗୀଙ୍କୁ ସେ ଅଜ୍ଞ ମନେକରୁଥିଲେ- ଅଧୀନସ୍ଥ ମନେ କରୁଥିଲେ। ସେମାନଙ୍କୁ ତାଙ୍କର ବାଧ୍ୟ ଓ ବିଶ୍ୱସ୍ତ ହେବା ଲାଗି ସେମାନଙ୍କ ଉପରେ ଆପଣାର ଇଚ୍ଛାଶକ୍ତି ପ୍ରୟୋଗ କରୁଥିଲେ। ସେ ଯେ କାହାକୁ ଏ କ୍ଷେତ୍ରରେ ଅପେକ୍ଷା ରଖୁଥିଲେ ବା ଖାତିର କରୁଥିଲେ- ଏହା ତାଙ୍କର କଥା, ଚାହାଣି ବା ବ୍ୟବହାରରୁ ମନେ ହେଉ ନ ଥିଲା। ଏକ ନିରଙ୍କୁଶ ଆତ୍ମବିଶ୍ୱାସ ଓ ଆତ୍ମଗର୍ବ ତାଙ୍କ ବ୍ୟକ୍ତିତ୍ୱକୁ ଏକ ଯୁବଧନ୍ୱନ୍ତରୀ ବା ଅଶ୍ୱିନୀକୁମାରର ତେଜ, ମହିମା ଓ ଭରସାରେ ବିଭୂଷିତ କରିଥିଲା। ଏ ଜଗତରେ ସମସ୍ତ କୁଷ୍ଠ, ଯକ୍ଷ୍ମା, କ୍ୟାନ୍‌ସର, ଶ୍ୱାସ, ଫାଇଲେରିଆ, ଆମିବାଇସିସ୍, ବାତ, ଗ୍ରହଣୀ, ପଥୁରୀ ଓ ବହୁମୂତ୍ର ଆଦି ରୋଗଠାରୁ ସେ ଢେର୍ ଢେର୍ ଶକ୍ତିଶାଳୀ, ଏକଥା ତାଙ୍କୁ ଦେଖି ବିଶ୍ୱାସ କରିବାକୁ ମନ ଡାକୁଥିଲା। ସେ ମଧ୍ୟ ଉଲ୍ଲିଖିତ ରୋଗୀମାନଙ୍କର ଆକ୍ରମଣ, ଧମକ, ଯନ୍ତ୍ରଣା, ଭୟ ଓ ମାରାତ୍ମକତାକୁ 'ଯୁଦ୍ଧଂ ଦେହି' ଡାକ ଦେବା ଭଳି ଦେଖାଯାଉଥିଲେ।

ଛଅଜଣଙ୍କ ପଛରେ ଠିଆ ହୋଇ ମୁଁ ମୋର ପୁତ୍ର ବୟସର ଏହି ଯୁବ ଡାକ୍ତରଟିକୁ ମୋର ଆଖି ଦ୍ୱାରରେ ଉପଭୋଗ କରୁଥିଲି। ରୋଗୀଦେଖା ମଝିରେ ସେ ଘଣ୍ଟି ବଜାଇଲେ। ଜଣେ ଚେହେରା ଆସି ହାଜର ହେଲେ। ସେ ଫରମାସୀ କଲେ- ଦିଆସିଲି ଆଣ। ତା'ପରେ ସେ ସିଗ୍ରେଟ୍‌ରେ ନିଆଁ ଲଗାଇ ଧୂଆଁ ପିଇଲେ। ଗନ୍ଧରୁ ମନେ ହେଉଥିଲା, ଖୁବ୍ କଡ଼ା ଓ ଅମାର୍ଜିତ ତମାଖୁ ସେ ଖାଉଛନ୍ତି। କିନ୍ତୁ ତାଙ୍କର ଧୂଆଁ ପିଇବା ଭଙ୍ଗୀଟି ବେଶ୍ ରୁଚିକର ଓ ଯୁବସୁଲଭ ଥିଲା। ମାତ୍ର ଏ ଦୃଶ୍ୟରେ ମୁଁ ହଠାତ୍ ବିଗିଡ଼ିଗଲି। ମୋତେ ସେଇଟା ପସନ୍ଦ ହେଲା ନାହିଁ। ସେ ଯାହା ହୁଅନ୍ତୁ ପଛକେ, ରୋଗୀମାନଙ୍କ ଭିତରେ ତାଙ୍କର ଗୁରୁଜନ ଶ୍ରେଣୀୟ ବ୍ୟକ୍ତି ତ ଅନେକ ଅଛନ୍ତି। ତା'ଛଡ଼ା ଏତେଗୁଡ଼ାଏ କଡ଼ା କଞ୍ଚା ତମାଖୁ ଏତେ କଅଁଳ ଟୋକାଟାର ଗଳା ଓ ଛାତିକୁ ଅଳ୍ପଦିନ ଭିତରେ ପୋଡ଼ି ଭସ୍ମ କରିଦେବ। ତା'ର ସୁନ୍ଦର ଓଠ ଦିଓଟିକୁ କଳା ପକାଇ ଦେବ। ଏଇତ ତା'ର ହାତ ଆଙ୍ଗୁଠିରେ ଶେଥା ଛଉପରି ଚିହ୍ନ ଏଠିକି ବି ଦିଶୁଛି। ବାଃ, ଏଇଟା ଉଚିତ ହେଉନାହିଁ। ଶେଷ କଥା, ରୋଗୀମାନଙ୍କ ଆଗରେ ଜଣେ ଡାକ୍ତର ଧୂଆଁ ପିଇବା ଚିକିତ୍ସା ନୀତିବିରୁଦ୍ଧ। ଯେମିତି କିଛି ଗୋଟାଏ ବାସ୍ନା ଅତର ବା ସେଣ୍ଟ୍ ମଧ୍ୟ ଡାକ୍ତର ପକ୍ଷରେ ବ୍ୟବହାର କରିବା ନୀତିବିରୁଦ୍ଧ। କାଳେ ରୋଗୀ ଭାବିବ- ତା'ର ରୁଗ୍‌ଣ ଗନ୍ଧକୁ ପ୍ରତିରୋଧ କରିବା ଲାଗି ଡାକ୍ତରର ଏ ସତର୍କତା! ଆଚ୍ଛା କଥା, ଏମାନେ ଏତିକି ମର୍ଯ୍ୟାଦା ଜାଣୁନାହାନ୍ତି!

ମୁଁ ମନେମନେ କ୍ଷୁଣ୍ଣ ହେଉଥିଲି ଓ ଭାରି ଚିଡ଼ିଗଲି। ଅଧା ସିଗ୍ରେଟ୍‌କୁ ଆସ୍‌ଟ୍ରେର ଥାକରେ ଥୋଇ ସେ ଜଣକର ନାକପୁଡ଼ା ବିସ୍ତାରି କ'ଣସବୁ ଦେଖିଲେ ଓ ତା'ପରେ ତା'ର ଜିଭ ମେଲାଇ ଅଳ୍ପ ଦେଖି ଖୁବ୍ ବିରକ୍ତ ହୋଇ କ'ଣ ଗାଳିଦେଲେ। ସେଇଠୁ ତରତର କରି ଔଷଧ ଲେଖିଲେ। ଫେର୍ ଥରେ ଅଧା ସିଗ୍ରେଟ୍‌ଟି ଆସ୍‌ଟ୍ରେରୁ ଉଠାଇ ସେ ପିଇଲେ। ଏଥର ମୁଁ ସତକୁ ସତ ଖୁବ୍ ଚିଡ଼ିଗଲି। ବିରକ୍ତ ହୋଇପଡ଼ିଲି। ମୋର ମନେହେଲା, ତା' ପାଖକୁ ଚମକି ଯାଇ ମୋ' ବଡ଼ପୁଅର କାନଧରି ତାକୁ ଗାଳିଦେଲା ପରି ଗାଳିଦେବି, ଫୋପାଡ଼ ସେ ସିଗ୍ରେଟ୍ ଫୋପାଡ଼। ଡାକ୍ତର ହୋଇ ପୁଣି ସିଗ୍ରେଟ୍ ଖାଉଛୁ? କ'ଣ ଲୋକେ ଶିଖିବେ? ଜାଣିନୁଁ ପୃଥିବୀର କେତେ ଲୋକ ଖାସ୍ ଏଇ ସିଗ୍ରେଟ୍ ଯୋଗୁ ଗଳା ଓ ଫୁସ୍‌ଫୁସ୍ କ୍ୟାନ୍‌ସର ଭୋଗୁଛନ୍ତି? ଛୁଉଁ ଛୁଉଁ- ମୋ' ପାଦ ଛୁଇଁ କହ ଆଉ ଦିନେ ଯେମିତି ଏ ବିଷ ସ୍ପର୍ଶ ନ କରୁ! ମୋ' ପୁଅକୁ ମଧ୍ୟ ସତକୁସତ ଦିନେ ଏମିତି ପ୍ରତିଜ୍ଞା କରାଇଥିଲି। ସେଇଦିନୁଁ ତାକୁ କେବେ ଧୂଆଁ ଖାଇବାର ଦେଖିନି। କେଜାଣି- ସାଙ୍ଗ ମେଳରେ ଲୁଚାଇ କରି ଯଦି ଖାଉଥିବ! ଆଜିକାଲିର ଏ ଟୋକାଗୁଡ଼ାକ ପାନ ଛୁଉଁନାହାନ୍ତି- ମାତ୍ର ସିଗ୍ରେଟ୍ ଦେଖିଲେ ବାଇ।

ଯୁବ ଡାକ୍ତରଟି ଆହୁରି ଖଣ୍ଡିଏ ସିଗ୍ରେଟ୍ ଧରି ନିଆଁ ଲଗାଇଲେ। ମନେହେଲା, ସେ ନିରବଚ୍ଛିନ୍ନ ଧୂମପାୟୀ। ମୁଁ ଏଥରକ ଭୀଷଣ ରାଗିଗଲି। ସେ ମୋ' ଭିତରେ ଯେତିକି ବାତ୍ସଲ୍ୟ ଅନୁରାଗ ସୃଷ୍ଟି କରିଥିଲା, ସେଇ ଅନୁପାତରେ ମୋର କ୍ରୋଧ ବଢ଼ିଗଲା। ତାକୁ ବକିବାକୁ ମୋର ଜିଭ ଚଞ୍ଚଳ ହୋଇଉଠିଲା। ମୋର ଆଖି ଦୁଇଟି ଗୁରୁଜନ ସୁଲଭ କ୍ରୋଧରେ ରକ୍ତିମ ହୋଇ ଉଠିଲା। ମୋର ହାତ ଖଲଖଲ ହେଲା- ତା' କାନଧରି ମାରିବି ଠାଏକିନା ଗୋଟାଏ ଚଟକଣା- ଫୋପାଡ଼ କହୁଛି ସେ ସିଗ୍ରେଟ୍- ଫୋପାଡ଼- ଛୁଉଁ ମୋ' ପାଦ... କ'ଣ ଶିଖିବେ ତୋ'ଠୁଁ ଏ ଦେଶର ମୂର୍ଖ ରୋଗୀମାନେ, ପୁଣି ତୁ ଡାକ୍ତର ହେଲେ ବି ବହୁ ରୋଗୀ ତୋର ଗୁରୁଜନତୁଲ୍ୟ... ଟିକିଏ ତୋର... ଫୋପାଡ଼!

ଏମିତି ଉତ୍ତେଜିତ ନାଟକୀୟତା ମୋ' ଭିତରେ ଚାଲିଥାଏ। ମୋର ଆଖି ମେଲା ଥିଲେ ବି ମୁଁ ଆଉ କିଛି ଦେଖିପାରୁ ନ ଥିଲି। ମୋର ବାହ୍ୟ ପରିବେଶ ଉପରୁ ସମ୍ବିତ୍ ଚାଲିଯାଇଥିଲା। ହଠାତ୍ ମୁଁ ସଚେତନ ହେଲି- ଯେତେବେଳେ ସେ ମୋତେ ଖୁବ୍ ମାତ୍‌ବର ଗଳାରେ ପଚାରିଲେ-

କ'ଣ ହୋଇଛି ତୁମର?

(ତା'ର 'ଆପଣ' କହିବା ଉଚିତ ଥିଲା। କିନ୍ତୁ ଆଗରୁ କହିଛି ମୋର ଚେହେରାରୁ ମୋର ବୟସ, ମୋର ଗୁରୁଜନୋଚିତ ବ୍ୟକ୍ତିତ୍ୱ ଓ ମୋର ଅତୀତର ଗୁଣଗ୍ରାମ- କେହି ବୁଝିବା ମୁସ୍କିଲ।) ମୁଁ କିଛି କହିଥା'ନ୍ତି- ମାତ୍ର ରାଗରେ ମୋ' ପାଟିରୁ କଥା ବାହାରୁ ନ ଥିଲା। ମୁଁ ମୋର "ଏଇ ପତ୍ରିକା ସଙ୍ଗରେ ଆଣିବ, ନଚେତ୍ ଔଷଧ ମିଳିବ ନାହିଁ" କାଗଜଟିକୁ ତା' ହାତକୁ ବଢ଼ାଇଦେଲି। ମୋର ଆମିଓବାୟସିସ୍ ଝାଡ଼ା ଲାଗି ଆଠଦିନ ତଳେ ଆଉଜଣେ ଡାକ୍ତର ସେଇ କାଗଜଟିରେ ଔଷଧ ଲେଖିଦେଇଥିଲେ। ସିଗ୍ରେଟ୍‌ଟିକୁ ପାଟିର ଗୋଟିଏ କଡ଼କୁ ଜାକିନେଇ ସେ କାଗଜଟିକୁ କିଞ୍ଚିତ୍ ହେଳା ଦୃଷ୍ଟିରେ ଅଥଚ ଯଥେଷ୍ଟ ମାତବର ଭଙ୍ଗୀରେ ଚାହିଁ ରହିଲେ। ତା'ପରେ ସିଗ୍ରେଟ୍‌ରୁ କଳେ ଧୂଆଁ ଶୋଷି ତାକୁ ପୁଣି ଓଠ କୋଣରେ ଧୀରେ ସୁସ୍ଥେ ଛାଡ଼ି ମୋ' ଆଡ଼କୁ ତେରଛାଇ କରି ଚାହିଁ ପଚାରିଲେ-

ନିଭେମ୍ବିନ୍ କେତୁଟା ଖାଇଛ?

କ୍ରୋଧରେ ମୁଁ ଜ୍ଞାନଶୂନ୍ୟ। କହିଲି ଯେତୁଟା ଲେଖାହୋଇଛି।

ବି. କମ୍ପ୍ଲେକ୍ସ?

ସବୁ ଖାଇଛି-

ତଥାପି ଝାଡ଼ା କମିନି?

କମିଥିଲେ ଆସିଥା'ନ୍ତି କାହିଁକି?

ନିଭେମ୍ବିନ୍ ୩୦ଟା ଓ ବି. କମ୍ପ୍ଲେକ୍ସ ୩୦ଟା ଖାଇ ମଧ୍ୟ ତୁମ ଝାଡ଼ା କମିଲା ନାହିଁ?

ପ୍ରକାଶଥାଉ କି- ଏଇ ଆମିଓବାଇସିସ୍ ମୋର ଏକ ବହୁଦିନର ରୋଗ। ସେଥିଲାଗି ମୁଁ ଅତୀତରେ ବହୁ ଚିକିତ୍ସା କରିଛି। ମୋ' ବୟସର ଓ ମୋ'ଠାରୁ ଊର୍ଦ୍ଧ୍ୱ ବୟସର ବହୁ ଅଭିଜ୍ଞ ଡାକ୍ତର ମୋର ଚିକିତ୍ସା କରିଛନ୍ତି। ବହୁ ପ୍ରକାର ଔଷଧ ମୁଁ ଦୋମୁଣ୍ଡିଆ ସାପ ପରି ମୁହଁବାଟେ ଓ ମଳଦ୍ୱାର ବାଟେ ଗିଳିଛି। କେତେ ଇଞ୍ଜେକ୍‌ଶନ୍ ନେଇଛି। ବେଳେବେଳେ ରୋଗଠାରୁ ତା'ର ଔଷଧ ମୋ' ପକ୍ଷରେ ବେଶି ମାରାତ୍ମକ ହୋଇଛି। ଥରେ ତ ମୋର ଜଣେ ବନ୍ଧୁ ଡାକ୍ତର (ଜଣେ ଟ୍ରପିକାଲ୍ ଡିଜିଜ୍ ସ୍ପେଶାଲିଷ୍ଟ)ଙ୍କ ନିର୍ଦ୍ଧାରିତ ଗୋଟାଏ କଡ଼ା ଔଷଧ ଦିନକୁ ଛଅଟା କରି ଖାଇ (ସେ ଆଠଦିନ ପାଇଁ ଦେଇଥିଲେ) ତୃତୀୟ ଦିନ ମୋର ଶିରୋଘୂର୍ଣ୍ଣନ, ବାନ୍ତି ଓ ମୂର୍ଚ୍ଛା ହୋଇ ମୁଁ ପ୍ରାୟ ମୃତ୍ୟୁବରଣ କରୁଥିଲି। ମାତ୍ର ମୋର ଝିଆରୀର ଶଶୁର ଯେ କି ଜଣେ ବିଶିଷ୍ଟ ହୋମିଓପାଥ୍ ଓ ଆଶ୍ଚର୍ଯ୍ୟ ଜ୍ୟୋତିଷୀ- ସହସା ଆସି ପହଞ୍ଚିଗଲେ ଓ କହିଲେ- ତୁମର ଦେହ ଖାଲି ନୁହଁ- ଏ ବିଷଗୁଡ଼ାକ ଖାଇ ତୁମର ଆତ୍ମା ମଧ୍ୟ ବିଷାକ୍ତ ହୋଇଗଲାଣି, ସମୁଦୀ! ଆଚ୍ଛା ହେଉ- କିଛି ପରବାୟ ନାହିଁ। ବିଷର ବିଷ ମୋ' ପାଖେ ଅଛି। ଏତିକି କହି ସେ ଟୋପାଏ ଅର୍କ ଖୁବ୍ ହାଇପାବାର୍‌ର ମୋ' ଜିଭତଳେ ପକାଇଦେଲେ। ମୁଁ ବଞ୍ଚିଗଲି ଏବଂ ମୋର ବଞ୍ଚିଯିବା ପରେ ସେ ତାଙ୍କର ଏ ବାହାଦୁରି ଘୋଷଣା କଲେ ଓ ତାଙ୍କ ଖର୍ଚ୍ଚରେ ମୋର ସ୍ୱୀକୃତି ବୋଲି ଗୋଟାଏ ବିଜ୍ଞାପନ ଖବରକାଗଜରେ କାଢ଼ିଲେ। ସେହିଦିନଠାରୁ ସେ ମୋର ଚିକିତ୍ସା ଭାର ଗ୍ରହଣ କଲେ। ମୋତେ ପାଞ୍ଚଦିନ ପାଞ୍ଚରାତି ପରୀକ୍ଷା କରି ମୋର ବଂଶ ପରମ୍ପରା ଇତିହାସ, ମୋର ରୁଚି ଓ ମୋର ଅଭ୍ୟାସଗୁଡ଼ିକ ତନ୍ନତନ୍ନ କରି ବୁଝି- ଓ ଦିନେ 'ଚଡ଼ଚଡ଼ୀ' ମାଇଲେ ମୋତେ ଖୁବ୍ ଡର ଲାଗେ ବୋଲି ଗୋଟାଏ ଉତ୍ତର ପାଇଯାଇ-ଚମକି ପଡ଼ି- ଇଉରେକା ଇଉରେକା ବୋଲି କୁହାଟ ଛାଡ଼ି- ହାଇପାବାର୍‌ର ଗୋଟାଏ ଡୋଜ୍ ଖାଲି ପେଟରେ ମୋ' ଜିଭ ତଳେ ଦେଲେ ଓ କହିଲେ, ତେତିଶ ଦିନ ପରେ ପୁଣି ଦେବି ଗୋଟାଏ ଡୋଜ୍। ତା'ର ସାତ ଆଠ ଦିନ ପରେ ମୋର ଥରେ ଭୟଙ୍କର ରକ୍ତଝାଡ଼ା ହେବାରୁ ସେ ଆସି ହସି ହସି ଆଶ୍ୱାସନା ଦେଲେ- ଠିକ୍ ଅଛି- ଔଷଧ ଠିକ୍ ଧରିଛି- ଆଣବିକ ଶକ୍ତିପରି- ସେ ଏକଦମ୍ ତା' ଚେରଆଡୁ ଓପାଡ଼ି ଆଣୁଛି। ଆମ ସାଇନ୍ସରେ- ରୋଗ ବଢ଼ିଲେ ଜାଣିବ ବାଜିଲା। ସତକୁ ସତ ଦୁଇଦିନ ପରେ ଦିନକୁ ଛଅଥର ପେଟକଟା ସହ ନାଳ୍‌ଝାଡ଼ା ହେଲା। ଥରକେ ଚାରି ପାଞ୍ଚ ଆଉନ୍ସ ନାଳ ପେଟରୁ ବାହାରିଗଲା। ବେଲ, ପାଳୁଅ ଓ ଦହିଭାତ ପଥ୍ୟରେ ରହି ଝାଡ଼ା କ୍ରମେ ଭଲ ହୋଇଆସିଲା। ମୋ' ସମୁଦୀ ପୁଣି ଥରେ ବାହାଦୁରି ନେଲେ। ମାତ୍ର ମାସକ ପରେ ପୁଣି ଝାଡ଼ା ହେଲା। ସମୁଦୀ କହିଲେ- ତୁମର ଅମୁକ ଦଶାକୁ ତମୁକ ନକ୍ଷତ୍ର ପଡ଼ିଛି- ଏ ଦଶା କଟିବ ସାତବର୍ଷ ସାତମାସ ପରେ। ଗ୍ରହମାନଙ୍କର ପ୍ରଭାବ କିପରି ଏଡ଼ିବ ସମୁଦୀ? ଗ୍ରହ ପୂଜା ଆରମ୍ଭ କର।

ବାସ୍- ତା'ପରେ ବହୁ କବିରାଜି ଔଷଧ ବି ଖାଇଛି। ଦିନାକାତେ ଭଲ ହୋଇଯାଏ- ତା'ପରେ ପୁଣି ଯୋଉ କଥାକୁ ସେଇ କଥା।

ମୋଟ କଥା, ମୁଁ ଏ ରୋଗକୁ ନିତ୍ୟଧାରଣ କରି ବଞ୍ଚିଅଛି। ମୋ' ସ୍ତ୍ରୀ ଭଳି ମୁଁ ଏହା ସହିତ ଖାଏ, ପିଏ, ବୁଲେ ଓ ଶୁଏ। ମୁଁ ତାକୁ ଜାଣେ। ତା'ର ପ୍ରକୃତି, ବିକୃତି, ଯନ୍ତ୍ରଣା ଓ ତା'ର ପ୍ରତିକାର ଔଷଧ ପଥ୍ୟାଦି ସମ୍ବନ୍ଧେ ମୁଁ ଖୁବ୍ ବିଜ୍ଞ। କେତେ ପ୍ରକାର ଔଷଧ ତା'ର ଅଛି- ସେଗୁଡ଼ିକର କ୍ରିୟା ପ୍ରତିକ୍ରିୟା ମଧ୍ୟ ମୋତେ ଜଣା। ମୁଁ ସେ ରୋଗ ସମ୍ବନ୍ଧେ ଏଲୋପାଥି, କବିରାଜି, ୟୁନାନୀ ଓ ହୋମିଓପାଥି ଗ୍ରନ୍ଥମାନ ଅଧ୍ୟୟନ କରିଛି। ପୁଣି ମୁଁ ନିଜେ ବି ଜଣେ ଓଡ଼ିଆ, ସଂସ୍କୃତ କିମ୍ବା ଇଂରାଜୀ ଅଧ୍ୟାପକ ତ ନୁହେଁ, ଜଣେ ଏକଦା ବିଶିଷ୍ଟ ବୈଜ୍ଞାନିକ। ଅବଶ୍ୟ ସେ କଥା ମୋ' ଚେହେରାରୁ ଜଣା ନ ପଡ଼ିଲେ ମୁଁ ବା କ'ଣ କରିପାରେ- କିଏ ବା କ'ଣ କରିପାରେ- ଦୋଷ ବା କାହିଁକି କାହାର ହେବ?

ଶେଷ କଥା- ଏଇ ବର୍ଷକ ଭିତରେ ଡାକ୍ତରୀ ପାସ୍ କରିଥିବା ମୋ' ପୁଅ ବୟସୀ ଏହି ଗର୍ବୀ ଉଦ୍ଧତ ସବ୍‌ଜାନ୍ତା, ଗୁରୁଜନ ଭକ୍ତିହୀନ, ସିଗ୍ରେଟ୍‌ଖୋର ତଥା ଡାକ୍ତରଟି ଅପେକ୍ଷା ମୁଁ ଏ ରୋଗ ବିଷୟରେ ବେଶି ଜାଣେ। ମୁଁ ନିଜେ ମଧ୍ୟ ବହୁ ଡିସେଣ୍ଟ୍ରି ରୋଗୀଙ୍କୁ ଔଷଧ ବତାଇଛି ଏବଂ ସେମାନେ ମୋ' ଭଳି ଆରୋଗ୍ୟ ହୋଇଛନ୍ତି। ମୁଁ ଜାଣେ, କର୍କଟ ଓ ମକରକ୍ରାନ୍ତିର ନାଗବନ୍ଧନ ମଧ୍ୟରୁ ନ ମୁକୁଳିଲା ଯାକେ ଏ ରୋଗ ଭଲ ହୋଇପାରିବ ନାହିଁ। ଅତଏବ, ମୁଁ ଏ ରୋଗକୁ ମୋର ମୃତ୍ୟୁ ପର୍ଯ୍ୟନ୍ତ ସହ୍ୟ କରିବି। ତାକୁ ଭଲ ପାଇବି। ଏ ରୋଗଟିକୁ ମଧ୍ୟ ମୁଁ ଭଲପାଏ- ଠିକ୍ ମୋ' ସ୍ତ୍ରୀ ଭଳି- ମୋର ଶତ୍ରୁ ଭଳି- ଆଉ ମୋର ସ୍ୱାସ୍ଥ୍ୟ ଭଳି। କେବଳ ଏ ରୋଗଟି ବେଳେବେଳେ ଯେତେବେଳେ ସୀମା ଲଂଘନ କରେ, ଉଦ୍ଧତ ହୁଏ- ତାକୁ ଟିକିଏ କାନମୋଡ଼ା ଦେବା ଲାଗି ଏଁଟ୍ରୋ ବଟିକା ସାତ ଆଠଟା ଖାଇଦିଏ। ତା' ପ୍ରକୋପ କମିଯାଏ- ବାସ୍।

ଏବେ ରୋଗଟା ଅମିତାଚାର ଯୋଗୁ ଟିକିଏ ବଢ଼ିଥିଲା। ଆଠ ଦିନ ତଳେ ଆସିଥିଲି। ଆଉ ଜଣେ ଅଜଣା ଡାକ୍ତର ଏଠି ବସିଥିଲେ। ସେ ଗୋଟାଏ ଔଷଧ ଲେଖି ଦେଇଥିଲେ। ମୁଁ ସେ ଔଷଧଟିର କ୍ରିୟା ପ୍ରତିକ୍ରିୟା ଜାଣେ। ସେଗୁଡ଼ାକ ବେଶି ପରିମାଣରେ ଖାଇଲେ ମୋ' ଧାତୁରେ ଯାଏ ନାହିଁ। ମୁଣ୍ଡ ଘୂରାଏ। ମୁଁ ବି ଚାରୋଟି ଯାଏ ଖାଇଛି। ମୋର ମୁଣ୍ଡ ଘୂରାଇଲା। ଆଉ ନ ଖାଇ ଆଜି ଆସିଛି ମୋର ସେଇ ପୁରୁଣା ଅଭ୍ୟାସଗତ ଔଷଧ ଏଁଟ୍ରୋ ବଟିକା କେଇଟି ନେଇଯିବି। ଆଠ ଦଶଟା ଖାଇଲେ ଝାଡ଼ାର ପ୍ରକୋପଟା କମିଯିବ। ଫେର୍ ଦୁଇ ତିନି ମାସ ଟିକିଏ ଭଲରେ କଟିଯିବ। ସେଇ ଉଦ୍ଦେଶ୍ୟରେ କାଗଜଟି ବଢ଼ାଇ ଦେଇଥିଲି- ଭାବିଥିଲି କହିବି ଯେ, ମୋର ସେଇ ପୁରୁଣା ଏଁଟ୍ରୋ ଔଷଧଟି ଦିଅନ୍ତୁ- ତାହା ମୋ' ଧାତୁରେ ଭଲ ଚଳେ। ସେ ଉଦ୍ଦେଶ୍ୟରେ କହିଲି-

ମୋତେ ଏଁଟ୍ରୋ ବଟିକା କେଇଟା ଦିଅନ୍ତୁ।

କି ବଟିକା? ସେ ତେଢ଼ାକଣ୍ଠରେ ଖତେଇ ହେଲା ଭଳି ପଚାରିଲେ। ମୁଁ କହିଲି... ଏଁଟ୍ରୋ କୁଇନଲ୍... ଅନ୍ୟ ଔଷଧରେ ମୋର ମୁଣ୍ଡ ବୁଲାଉଛି।

କେମିତି ଜାଣିଲ?

ଚାରିଟା ଖାଇବା ପରେ ଜାଣିଲି।

ତା' ହେଲେ ତ ଔଷଧ ବନ୍ଦ କରି ଡାକ୍ତରକୁ ଜଣାଇବା ଉଚିତ ଥିଲା। ଆଜିଯାଏ କ'ଣ କରୁଥିଲ?

ମୁଁ ଥତମତ ଖାଇଗଲି। ସତେ ତ, ମୋର ଏ ଅବହେଳା ଅନୁଚିତ ହୋଇଛି। ତଥାପି ସାହସ ରଖି କହିଲି-

ଏଁଟ୍ରୋରେ ମୋର ଡିସେଣ୍ଟ୍ରି ଭଲ ହୋଇଯାଏ...

ଟେବୁଲ ଉପରେ ଚପେଟାଘାତ କରି ସେ କହିଲେ-

ମୁଁ କହୁଛି- ଭଲ ହୁଏନା। ନିଜ ମନକୁ ବାରମ୍ବାର ଏଁଟ୍ରୋ ଖାଇ ଖାଇ ତୁମ ରକ୍ତର ତାହା ଅଭ୍ୟାସରେ ପଡ଼ିଗଲାଣି। ଭଲ ହୋଇଯାଇଥିଲେ ପୁଣି ଏ ରୋଗ ହୁଅନ୍ତା କାହିଁକି?

ମୁଁ କହିଲି- ଆମିବିକ୍ ଡିସେଣ୍ଟ୍ରି ଭଲ ହୁଏ ନାହିଁ।

ସେ ଆହୁରି ଚିଡ଼ିଉଠିଲେ।

ନନ୍‌ସେନ୍ସ। ତୁମେ ଆସି ବୁଢ଼ା ହେଲଣି- ବେଶଭୂଷାରୁ ମନେହେଉଛି- ପୂରା ଅଶିକ୍ଷିତ ନୁହଁ। କିନ୍ତୁ ତୁମେ ବଡ଼ ବାହାଦୁରିଆ ଲୋକ। ତୁମେ ପୁଣି ଡାକ୍ତରକୁ ଔଷଧ ସଜେଷ୍ଟ କରୁଛ? ରୋଗ ଓ ଔଷଧ ବିଷୟରେ ତୁମକୁ କ'ଣ ଜଣା?

ମୁଁ ବି ଏ ଉଦ୍ଧତ ଟୋକା ଡାକ୍ତରଟାର ଅଶାଳୀନ କଥାରେ ଖୁବ୍ ଆହତ ଓ କ୍ରୁଦ୍ଧ ହୋଇ ଉଠିଥିଲି। ମୁଁ ଦୃଢ଼ ଭାବରେ କହିଲି -

ଅନ୍ୟମାନଙ୍କର ରୋଗ ଓ ଔଷଧ ସମ୍ବନ୍ଧେ ମୁଁ ଅଜ୍ଞ- ମାତ୍ର ମୋ' ରୋଗ ଓ ମୋ' ଔଷଧ ମତେ ଜଣା।

ତା'ହେଲେ ଏଠିକି କାହିଁକି ଆସିଛ?

ତୁମର ଦସ୍ତଖତ ଦରକାର- ସମର୍ଥନ ଦରକାର- ନଚେତ୍ ଔଷଧ ମିଳିବ ନାହିଁ।

ଆରେ, ଏ ତ ବଡ଼ ମୁସ୍କିଲ ଲୋକ! କିଓ ଗାଁରେ ଟାଉଟରଙ୍କ ଭଳି କ'ଣ କଥାବାର୍ତ୍ତା କରୁଛ? ମୁଁ ଏଠି ଡାକ୍ତର ନା କିରାଣି?

ତୁମ୍ଭେଅନ୍ୟରୋଗଲାଗିଡାକ୍ତରହୋଇପାର।ମାତ୍ରଆମିବିକ୍ ଡିସେଣ୍ଟ୍ରି ପକ୍ଷରେ ତୁମେ କିରାଣି ବ୍ୟତୀତ ଆଉ ଅଧିକା କ'ଣ?

ଆମିବିକ୍ ଭଲ ହେବନି ବୋଲି ତୁମକୁ କିଏ କହିଲା?

ନିଜେ ରୋଗ କହିଲା। ଅୟନାନ୍ତ ବୃତ୍ତ ମଧ୍ୟସ୍ଥ ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଭିତରୁ ତୁମେ ସେ ଜୀବାଣୁମାନଙ୍କୁ ମାରିପାରିବ ନାହିଁ। ସେମାନେ ରକ୍ତବୀଜ ପରି ଅମର। ସୃଷ୍ଟିର ଆଦ୍ୟକାଳରୁ ସେମାନେ ଅଛନ୍ତି ଓ ଅନନ୍ତକାଳ ଯାଏ ରହିବେ।

ଯୁବ ଡାକ୍ତରଟି ମୋ' ମୁହଁକୁ ଟିକିଏ ଚାହିଁଲେ- କିଛିକ୍ଷଣ ନୀରବ ରହିଲେ। ତା'ପରେ ବେଶ୍ ଧୀର ଓ ଦୃଢ଼ ଗଳାରେ କହିଲେ- "ଶୁଣ ବୁଢ଼ା, ସେ ଅମଳ କଥା ଭୁଲିଯାଅ। ଗ୍ରୀଷ୍ମ କଟୀବନ୍ଧର ରୋଗମାନଙ୍କ ଲାଗି ସେଇ ଗ୍ରୀଷ୍ମ କଟୀବନ୍ଧରେ ଇ ଉପଯୋଗୀ ଔଷଧମାନ ରହିଛି। ଏ କଟୀବନ୍ଧର ରୋଗ ଲାଗି ଶୀତ କଟୀବନ୍ଧର ଡାକ୍ତରମାନଙ୍କୁ ଚାହିଁ ବସିଲେ ଚଳିବ ନାହିଁ। ତୁମେ ଜାଣ- ଆମେ ସେ ସବୁ ଉପରେ ଗବେଷଣା ଚଳେଇଛୁ? ଆମିବିକ୍ ଆଉ ଅସାଧ୍ୟ ହୋଇ ରହିବ ନାହିଁ। ମୁଁ ନିଜେ ତା' ଉପରେ ଗବେଷଣା କରୁଛି... ଅପେକ୍ଷା କର... ମ୍ୟାଲେରିଆ ଭଳି ଆମିବିକ୍‌କୁ ମଧ୍ୟ ଆମେ ଠିକଣା ଜବାବ ଦେବୁ- ନିଶ୍ଚୟ। ସେ ମୋ' ମୁହଁକୁ ଚାହିଁ ରହିଲେ। ଚାହିଁଲେ ମୋର ଲୋଚାକୋଚା ଅର୍ଦ୍ଧମଳିନ ପୋଷାକ ପରିଚ୍ଛେଦ ଭିତରର ଜୀର୍ଣ୍ଣ ଦେହଟିକୁ। ତା'ପରେ ସିଧା ମୋର ଆଖି ଦୁଇଟିକୁ। ମୁଁ ମଧ୍ୟ ତାଙ୍କର ଆଖି ଦୁଇଟିକୁ ଚାହିଁଲି। ଆମ ଦୁହିଁଙ୍କ ଆଖି ମିଳିଗଲା।

> ମୋର ଫଟୋ ସଙ୍ଗେ ମୋର ବାସ୍ତବ ଚେହେରାର ବହୁ ଅମେଳ ଦେଖାଯାଏ। ଫଟୋରେ ମୁଁ କେମିତି ଗୋଟେ ଆଉ ପ୍ରକାରେ ଦିଶେ, କିଏ ଫଟୋ ନେଲାବେଳେ- ମୋର ଆଖି ବିସ୍ଫାରିତ ହୋଇଯାଏ। ଗୋଟାଏ ସୁନ୍ଦରର ଆହ୍ୱାନରେ ପ୍ରତ୍ୟୁତ୍ତର ବା ଅସୀମ ପ୍ରତି ଗୋଟାଏ ପ୍ରସାରିତ ଚାହାଣି ମୋର ଆଖିରେ ଛାଏଁ ଛାଏଁ ଫୁଟିଉଠେ।

କେମିତି କେଜାଣି ମୋର ସବୁ ରାଗ ପାଣି ଫାଟିଗଲା। ଆଉ ତା'ର ସେଇ ସୁନ୍ଦର, ସତେଜ, ତରୁଣ ନରମ ଆଖି ଦୁଇଟିରେ ସମ୍ଭାବନାମୟ ସ୍ୱପ୍ନ ଭାସିଉଠିଲା। ତା'ର ଚକ୍ଷୁ ତାରକା ଦୁଇଟିରେ ଗୋଟାଏ ଅନମନୀୟ ଅପରାଜିତ ଦୃଢ଼ତା ବି ଫୁଟି ଉଠିଲା। ଆଃ... କି ସୁନ୍ଦର ଏଇ ଆଖି ଦୁଇଟି -ପ୍ରେମିକର ଆଖି ପରି- ଯୋଦ୍ଧାର ଆଖି ପରି- ମୋ' ବଡ଼ପୁଅର ଆଖିପରି। ମୁଁ ତା'ର ଔଦ୍ଧତ୍ୟ, ତା'ର ଗୁରୁଜନ ପ୍ରତି ଅବହେଳା, ତା'ର ସିଗ୍ରେଟ୍‌ପିଆ ସବୁ ଭୁଲିଗଲି। ମୋର ଯେଉଁ ହାତ ଅଳ୍ପକ୍ଷଣ ପୂର୍ବରୁ ତା'ର କାନ ଧରିବାକୁ ରାଗରେ ଉଦ୍ୟତ ହେଉଥିଲା- ସେ ହାତ ଖଲଖଲ ହେଲା ତା' ମୁଣ୍ଡରେ ହାତ ବୁଲାଇ ଆଣିବାକୁ। ତା'ର ସେଇ ଛୋଟ ଛୋଟ ନୁଖୁରା କେଶପୂର୍ଣ୍ଣ କଦମଫୁଲିଆ ମସ୍ତକଟିକୁ ଆଘ୍ରାଣ କରିବା ଲାଗି ମୋର ନାକ ଉତ୍ତେଜିତ ହୋଇପଡ଼ିଲା। ତାକୁ ଆଶୀର୍ବାଦ କରିବାକୁ ମୋର ପ୍ରବଳ ବାସନା ହେଲା। ଶେଷରେ ତା' ହାତରେ ମୋର ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ...। ଆଁ... ମୋର ପ୍ରାଣ ପୂରି ଉଠୁଥିଲା। ମୁଁ ତା'ର ଅନିନ୍ଦ୍ୟ ଯୁବକାନ୍ତିରେ ବିଭୋର ହୋଇ ପିଇ ଯାଉଥିଲି। ତା'ର ତେଜର ଉତ୍ତାପରେ ମୋର ସ୍ନାୟୁଗତ ସମସ୍ତ ଜଡ଼ ଶୀତଳତା ତରଳି ଯାଉଥିଲା।

ସେ ଉଠି ଠିଆହେଲା। ତା' ପରେ ନିବଦ୍ଧ ଦୃଷ୍ଟିରେ ମୋ ଆଡ଼କୁ ଚାହିଁ କହିଲା-

ଆସନ୍ତୁ - ଏଇ ବେଡ୍ ଉପରକୁ।

ମୁଁ ତା' କଥାରେ ସମ୍ମୋହିତ ହୋଇ ବେଡ୍ ଉପରକୁ ଗଲି।

ଚିତ୍ ହୋଇ ଶୁଅନ୍ତୁ।

ମୁଁ ଶୋଇଲି। ସେ ଖୁବ୍ ମନଯୋଗ ଦେଇ ମୋର ପେଟ ଚିପିଲେ- ବାଁ ଡାହାଣ, ଉପର ଏବଂ ମଝିରେ ମଝିରେ ପଚାରିଲେ

ପରାସ ଲାଗୁଛି?

ମୁଁ କ'ଣ କହିବି? କ'ଣ ଉତ୍ତର ଦେବି? ମୋ' ରୋଗ ଯାହା ମାନେ ତାହା ହେଉ- ପେଟରେ ଯୋଉଠି ଯେତେ ଘା' ଥାଉ- ମୋ' ଲିଭରର ଯାହା ଅବସ୍ଥା ହେଉ...

କେଡ଼େ ସୁନ୍ଦର ଏଇ ଡାକ୍ତରଟି! ଏଇ ଯୁବଡାକ୍ତରଟି! କେଡ଼େ ମଧୁର ମାଦକତାପୂର୍ଣ୍ଣ ତା'ର ଚାହାଣି- କେତେ ସ୍ୱପ୍ନ ସେ ଆଖିରେ! କେତେ ଦୃଢ଼ତା ତା'ର କଣ୍ଠରେ। ତା'ର ସ୍ପର୍ଶ କେତେ ଆଶାଦାୟକ! କେଡ଼େ ଚମତ୍କାର ତା'ର ଔଦ୍ଧତ୍ୟ! ତା'ର ଆତ୍ମବିଶ୍ୱାସ! ତା'ର ଗର୍ବ! ସେ କେବଳ ଆମକୁ ବେଖାତିର କରୁନାହିଁ- ଆମର ଅପରାଜେୟ ରୋଗମାନଙ୍କୁ ବି ସେ ଖାତିର କରେନାହିଁ? ସେ ରାଗିକରି ରହିଛି। ସେ ପଣ ନେଲାଭଳି ଦିଶୁଛି- ଗ୍ରୀଷ୍ମ କଟୀବନ୍ଧର ଏଇ ଡାକ୍ତରଟି ଜାଣେ- ଏ କଟୀବନ୍ଧର ରୋଗମାନଙ୍କ ଲାଗି ଏଇ କଟୀବନ୍ଧରେ ବି ଔଷଧ ଅଛି। ଅଛି- ଅଛି ଔଷଧ- ଏହାର ଆର୍ଦ୍ର ଉଷ୍ଣ ଜଳବାୟୁରେ ବହୁ ଉଜ୍ଜ୍ୱଳ ସବୁଜ ହରିତ୍ ଔଷଧୀ ବୃକ୍ଷମାନ ବଢ଼ୁଛନ୍ତି। ଏହି କଟୀବନ୍ଧର ଜନପଦମାନଙ୍କରେ ରହିଛି ରୋଗ ଓ ଅରଣ୍ୟମାନଙ୍କରେ ରହିଛି ତା'ର ଔଷଧ। ଏହି ଯୁବ ଡାକ୍ତରଟି ସେ ସବୁ ଔଷଧ ଆବିଷ୍କାର କରିବ- ପ୍ରୟୋଗ କରିବ। ତା'ର ଆଖିର ଚାହାଣି ସେ କଥା କହିଦେଉଛି। ତା'ର କଣ୍ଠସ୍ୱର ସେ କଥା ଘୋଷଣା କରିଦେଉଛି। ତା'ର ଜୟ ହେଉ। ତା'ର ଜୟ ହେଉ।

ସେ ମୋର ଲିଭରଟାକୁ ଚିପିଦେଲେ।

ମୁଁ କହିଲି- ଆଃ!

ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା। ସେ କହିଲେ- ଭଲ କରିଦେବି। ମୋ' କଥା ଆପଣ ମାନିବେ?

ମୁଁ କହିଲି- ହଁ, ନିଶ୍ଚୟ ମାନିବି।

ଗୁଣ୍ଡିପାନଛାଡ଼ିଦେବାକୁହେବ।କହନ୍ତୁ,ମୋରଦେହଛୁଇଁକହନ୍ତୁ...

ମୁଁ ତାକୁ କୁଣ୍ଢାଇ ଧରିବାକୁ ବ୍ୟାକୁଳ ହୋଇପଡ଼ିଲି। ମାତ୍ର ସେତିକି ପାଇଁ ମଧ୍ୟ ମୋର ସାହସ ହେଲା ନାହିଁ।



# କ ବି ତା

## ରତ୍ନ

ସୁଜିତ୍ କୁମାର ମିଶ୍ର

ଇଏ ଏମିତିକା ରତ୍ନଟିଏ
ମାଟିକୁ ଛୁଇଁଲେ ଆକାଶ ତାରାମୟ
ବହେ ମଳୟ, ପଲ୍ଲବିତ ହୁଏ
ସମ୍ଭାବନାର ଅଙ୍କୁର
ଉପବନ ହୁଏ ପୁଷ୍ପମୟ
କୁଡ଼ିଆ ପାଲଟେ ପ୍ରାସାଦ...

କନ୍ୟାରତ୍ନଟିଏ, ନ ଥିଲେ ସେ
ନାହିଁ ନାହିଁର ସଂସାର,
ଘନଘନ ଭାଙ୍ଗିବାର ଶବ୍ଦ,
ଶୁଭେ ଖପୁରିଙ୍କ ଚିତ୍କାର,
କନ୍ୟା ଥିଲେ ଫଟୋ, ଫାଟକ,
ଫୁଲଦାନି ସବୁ ଜୀବନ୍ତ,
ପକ୍ଷୀ–ଉଡ଼ାଣର ଫଡ଼ଫଡ଼ ଶବ୍ଦ,
ନିର୍ଜନ ବଣ ଲାଗେ ପାର୍ବଣ, ଲୁହର ସାଗର
ପାଲଟେ ଆହା ଆନନ୍ଦ ଭବନ ।।

ଏବେ ତ ରତ୍ନ ଆସିବା କଥା ଜାଣିଲେ
ରାତି କାଳରାତି, ବିରାଜେ ଅଶୁଭ ଲଗ୍ନ
ମାଡ଼ିଆସେ ନିଦାଘ, ପାଦତଳ ମାଟି ଦୁଇ ଭାଗ...

ନିରିଖେଇ ଦେଖ, ଏ ରତ୍ନ ଭିତରେ
ଅଛି ପେଣ୍ଡାପେଣ୍ଡା ଫୁଲକଢ଼ି,
ଅସୁମାରି ଝରଣା, ଏମିତି କେତେ କ’ଣ,
ସବୁକୁ ଠୁଳ କରି ଠିଆ କରିପାରିଲେ
ସେ ଭିତରେ କଳ୍ପନା, ଇନ୍ଦିରା,
ଆରତୀ, ଉଇଲିୟମ୍ ।।

କନ୍ୟା କଣ୍ଢାପିଢ଼ାରେ ବସିଥାଉ
ଅବା ଗଜଦନ୍ତ ପଲଙ୍କରେ
ଝୋ’ ଝୋ’ ବରଷାରେ ସିଏ ଛତା ଆଉ ଛାତ,
ବୈକୁଣ୍ଠର ମୁଖଶାଳା, ତା’ ବିନା
ଯଜ୍ଞଶାଳା ଭଗ୍ନଶିଳା, ମନ୍ତ୍ର ଛନ୍ଦହୀନ
ସୌମ୍ୟ ସକାଳ ଦେହରେ
ଅବାରିତ କରକାପାତ ।।

କନ୍ୟା ଆସିଲେ ଘରେ ପଡ଼େ ଲକ୍ଷ୍ମୀପାଦ,
କନ୍ୟା ନ ଥିଲେ ଫିକା କାହ୍ନଙ୍କର ରଙ୍ଗ ।।

ମୋ: ୭୬୮୩୮୬୭୭୪୨

## ମୁହୂର୍ତ୍ତେ ପାଇଁ

ରାଜେଶ ପୂଜାରୀ

ମୁଁ ନିଷ୍ପାପ ପବନ ହେଇ
ମିଳେଇଗଲେ ତୁମ ସହ
ଦେଖିବ କେମିତି ଢେଉ ଭଳି
ବିଛିହେବ ସହସ୍ର ଚୁମା
କବିତାଖାତାରେ

ଅଚାନକ ଭୁଲ୍ ଯେତେ
ଠିକ୍ ପାଲଟି ମହକିବେ କ୍ଷମା ବଗିଚାରେ
ପ୍ରଶ୍ନସବୁ ଉତ୍ତରର ଚାଦର ଘୋଡ଼ି
ନିଦ୍ରାଯିବେ ଚିରକାଳ
ସେ ଘରଭଙ୍ଗା ଚଷମା ଭାଙ୍ଗିଯିବ
ଯାହାର ନାଁ ସନ୍ଦେହ

ଅଭିନ୍ନତାର କୁହୁକ ରାସରେ
ଏକତ୍ର ଝଲସିବେ ଅସଂଖ୍ୟ ଖଦ୍ୟୋତ
ତା’ପରେ ତୁମ ଇଚ୍ଛାମାନେ
ଅଲିଭା କଳାପଟା
ମୁଁ ଇଙ୍ଗିତରେ ରଙ୍ଗୁଥିବା ଚକ୍‌ଖଡ଼ି
ତୁମେ ବିଜନତାର ବେଳାଭୂମି
ମୁଁ ମନ୍ତ୍ରିତ ଗହଳି

ଆସ ସଖୀ ! ତ୍ରାହି କର
ଅପଥ ଭୋଗିଲା ପାଦ ସୁପଥେ କଢ଼ାଅ
କାଦୁଅ ବୋଳିଲା ଦେହେ ଚନ୍ଦନ ଲଗାଅ

ଅଗ୍ନିହୁଳା ହେଇ ବର୍ଷିଯାଅ ପଛକେ
ହୁଡ଼ହୁଡ଼ ଫାଇଲିନ ଭଳି
ଛିନ୍ନଛତ୍ରେଇ ଦିଅ
ମୋ’ ଭିତରର ‘ମୁଁ’ମାନଙ୍କୁ
ପାରିବ ଯଦି ଛାତିତଳୁ କାଢ଼ିନିଅ ହୃଦୟ,

କିନ୍ତୁ କେବଳ ମୁହୂର୍ତ୍ତେ ପାଇଁ ଅନ୍ତତଃ
ମୁନ୍ଦେ ବିଶ୍ୱାସ
ଟୋପାଏ ଲୁହର ନଈ ହୁଅ...

ମୋ: ୮୧୪୪୭୭୯୦୬୧

## ତିନୋଟି କବିତା

ରଜନୀକାନ୍ତ ମହାନ୍ତି

୧ ।। ବାଙ୍ଗ ଉଠୁଥିବା ଶବ୍ଦମାନଙ୍କୁ
ଫେରେଇନବାକୁ ଥର୍ମୋଫ୍ଲାକ୍ସ
ମନାକଲା ଯେ
ଗୀତ ଗାଇବାକୁ
କବିମାନେ ରାଜି ହେଲେନି ।

୨ ।। ମୁଁ ସେଇ କାନ୍ଥ
ଯା’ ଦିହରେ ଗୁଳିବାଜେ ବାରମ୍ବାର
ଭିତର ଲୋକଟି କିନ୍ତୁ
ଶୋଇପାରେ ଗଭୀର ନିଦରେ ।

୩ ।। ସବୁବେଳେ
ଦୁଃଖଟି ଅନ୍ତରଙ୍ଗ ।
ସେ ଛୁଇଁଥାଏ
ଭିତର ଅନୁଭବ ।
ସୂତାଟିଏ ପୋଡ଼ିଯିବାର ବାସ୍ନା
ସାଇତି ରଖେ ତା’
ଅନ୍ଧାର ଫରୁଆ ।

ମୋ: ୯୮୬୧୩୨୧୨୩୭

## ପଙ୍ଖା

ଶରତ କୁମାର ଦାସ

ମୋ’ ମୁଣ୍ଡ ଉପରେ ପଙ୍ଖାଟି ଘୂରୁଛି
ମୁଁ ସ୍ୱପ୍ନ ଦେଖୁଛି, ଟିକିଏ ପରେ
ପଙ୍ଖାଟି ଖସିବ, ମୋର ମୃତ୍ୟୁ ହବ ।

ପଙ୍ଖାଟି କିନ୍ତୁ ଖସୁନି...
ସ୍ୱପ୍ନ ମୋର ଅପେକ୍ଷା କରୁଛି
ପଙ୍ଖାଟିର ଖସିବାକୁ
ଯା’ ଭିତରେ ମୋ’ ନିଦ ଭାଙ୍ଗିଛି
ଲାଗୁଛି, ଯେମିତି ସେ ଘରେ
ପଙ୍ଖା ନାହିଁ, ମୋ’ ଭିତରେ
ଧୂମାଭ ବଳୟଟିଏ
ପଙ୍ଖାମୟ ହୋଇଛି ।

ଲାଗୁଛି, ମୋ’ ମୁଣ୍ଡ ଉପରେ
ଏକ ବିରାଟ ବଳୟ
ଓ ତା’ର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ
କେନ୍ଦ୍ରୀଭୂତ ଏକ ଅଦୃଶ୍ୟ ପଙ୍ଖା ।
ଅହର୍ନିଶ ଘୂରି ଚାଲିଛି
ମତେ ଅସ୍ତବ୍ୟସ୍ତ କରି...

ମୁଁ ଖୋଜି ଚାଲିଛି, ମୋ’ ସ୍ୱପ୍ନରେ
ଘୂରୁଥିବା ସେଇ ପଙ୍ଖାଟିକୁ
କେତେବେଳେ ସେ ଖସିବ
ମୋର ମୃତ୍ୟୁ ହବ !

ମୋ: ୯୪୩୭୪୨୩୯୮୫

### ଗୀତି-କବିତା

## ଭୋଦୁଅ ବରଷା ଛାଡ଼ିଲେ

ଧନଞ୍ଜୟ ସ୍ୱାଇଁ

ତୁମେ କହିଥିଲ ଆସିବ ବୋଲି ଏ
ଭୋଦୁଅ ବରଷା ଛାଡ଼ିଲେ
ଧାନକ୍ଷେତ ଧାରେ ଧଳା ବଗ ସବୁ
ଧାଡ଼ି ଧାଡ଼ି ହୋଇ ଉଡ଼ିଲେ ।।୦।।

ସୋଦୁଅ ପରିକା କାଦୁଅ ନ ଥିବ
ଯେବେ ଆମ ଗାଁ ବାଟରେ
ଲାଜ ବାଣ୍ଟୁଥିବ ନୀଳକଇଁ ବୁଲି
ଆମ ଗାଁ ପୋଖରୀ ତୁଠରେ
ତୁମେ କହିଥିଲ ଆସିବାକୁ ଖରା
ମଉଳିଲେ ସଞ୍ଜ ଗଡ଼ିଲେ
ଭୋଦୁଅ ବରଷା ଛାଡ଼ିଲେ... ।। ୧ ।।

ପୂରୁବା ପବନ ଆଖିଠାରେ ଭସା–
ବଉଦ ତା’ ବାଟ ହୁଡ଼ିଲେ
ତିନିପତରିଆ ଜହ୍ନିଲଟା ଚାଳ–
ମଥାନକୁ ଟପି ମାଡ଼ିଲେ
ତୁମେ କହିଥିଲ ଆସିବାକୁ
ଗଙ୍ଗଶିଉଳି ନିଶୀଥେ ଝଡ଼ିଲେ
ଭୋଦୁଅ ବରଷା ଛାଡ଼ିଲେ... ।। ୨ ।।

ମୋ: ୯୪୩୭୦୦୦୬୩୬





ଅନୁବାଦ ଗଳ୍ପ

# ଜନ୍ମମାଟି

ମୂଳ ଫରାସୀ: ଡ. ସବ୍ର ହବେବାଲା

ରୂପାନ୍ତର: ଶରତ କୁମାର ରାଉତ

ସତୁରି ବର୍ଷ ତଳେ ହେରାତରେ ଜଣେ ବୃଦ୍ଧ ରହୁଥିଲେ। ତାଙ୍କ ପୂର୍ବପୁରୁଷ ଇରାନୀୟ। ନସରୁଲ୍ଲାହ ସହଜେ ଦେହଖାରକାନ ନିବାସୀ ହେଲେ ବି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ହେରାତକୁ ଆସି ବସବାସ କରୁଥିଲେ। ସେ ଏଇ ସହରରେ ଶ୍ରମିକ ଭାବେ କାମ କରୁଥିଲେ।

ନସରୁଲ୍ଲାହଙ୍କର କାହା ସହ ସମ୍ପର୍କ ନ ଥିଲା। ବାଲ୍ୟକାଳ ଅନାଥାଶ୍ରମରେ ବିତିଥିଲା ଓ ଯୁବାବସ୍ଥାରେ ସେ ବିବାହ କରି ନ ଥିଲେ। ଜୀବନ ସାରା ନିଃସଙ୍ଗ ହୋଇ ସମସ୍ତ ବିପଦକୁ ସମ୍ମୁଖୀନ ହେଉଥିଲେ। ସେଥିପାଇଁ ପାରିବାରିକ ବନ୍ଧନ ଓ ପାରସ୍ପରିକ ସ୍ନେହ ତାଙ୍କ ପାଇଁ ନିରର୍ଥକ। ଯଦି ସେ ରାସ୍ତା ଉପରେ କୌଣସି ମାଆକୁ ତା'ର ନବଜାତ ଶିଶୁକୁ ଛାତି ଉପରେ ଜାବୋଡ଼ି ସ୍ନେହ କରୁଥିବାର ଦେଖୁଥିଲେ, ସେ ଖୁବ୍ ଆଶ୍ଚର୍ଯ୍ୟ ହେଉଥିଲେ। ଏତିକି ମାତ୍ର ନୁହେଁ, ଏଇ ଦୃଶ୍ୟକୁ ଅବଲୋକନ କଲେ ତାଙ୍କ ମନଟା ଘୃଣାରେ ଭରି ଉଠେ।

ତାଙ୍କର କୌଣସି ସ୍ଥାୟୀ ଠିକଣା ନ ଥିଲା। ଯେଉଁଠି ରାତି ହୁଏ, ସେଇଠି ଶୋଇ ଯାଆନ୍ତି। ତାଙ୍କ ପାଇଁ ସମସ୍ତ ସ୍ଥାନ ଏକାଭଳି ଲାଗେ। କେଉଁଟା ଭଲ, କେଉଁଟା ମନ୍ଦ ତାଙ୍କୁ ଜଣାପଡ଼େନି। ତାଙ୍କ ହୃଦୟରେ କୌଣସି ସ୍ନେହ, ମୋହ ଥିବାର ଜଣାପଡ଼େ ନାହିଁ। ସ୍ୱଦେଶ ଓ ପରଦେଶ ମଧ୍ୟରେ ଥିବା ପ୍ରଭେଦ ବୁଝିବା ପାଇଁ ସେ ଚେଷ୍ଟା କରନ୍ତି ନାହିଁ କି ପ୍ରଭେଦ ଥିବା କଥାକୁ ସ୍ୱୀକାର ମଧ୍ୟ କରନ୍ତି ନାହିଁ। ସେ ଏପରି ଏକ ନିର୍ମୋହତ୍ୱର ଜ୍ଞାନୀ ଥିଲେ, ଯିଏ ସଂସାରର ସମସ୍ତ ବନ୍ଧନରୁ ମୁକ୍ତ ଓ ସ୍ୱଚ୍ଛନ୍ଦ ଥିଲେ। କେହି କେବେ ତାଙ୍କ ସହ ଭଲ ଭାବେ କଥାବାର୍ତ୍ତା କରୁ ନ ଥିଲେ। ସେଥିପାଇଁ ସେ ସଦାବେଳେ କହୁଥିଲେ ଯେ, ମୃତ୍ୟୁ କେବେ ମୋତେ କନ୍ଦାଇ ପାରିବ ନାହିଁ! ଯେତେବେଳେ ମୃତ୍ୟୁର ଡାକରା ଆସିବ ବଡ଼ ଆରାମରେ, ଶାନ୍ତିପୂର୍ବକ ମୁଁ ଏଇ ଜଗତକୁ ଗୋଇଠା ମାରି ଚାଲିଯିବି! ଏପରି ବିଚାରଧାରାର ବ୍ୟକ୍ତି ନସରୁଲ୍ଲାହଙ୍କ ଆଡ଼କୁ କେହି ବନ୍ଧୁତାର ହାତ ବଢ଼ାଉ ନ ଥିଲେ। ସିଏ ବି କାହା ପାଖକୁ ଯାଆନ୍ତି ନାହିଁ କି ତାଙ୍କୁ କେହି ପାଖକୁ ଡାକନ୍ତି ନାହିଁ।

ଖୁରାସାନରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା। ପ୍ରଥମେ ଇରାନୀୟମାନେ ବିଜୟ ଲାଭ କଲେ। ହେଲେ ଯେପରି ଦିନ ପରେ ଦିନ ଗଡ଼ିବାରେ ଲାଗିଲା, କିଛି ସ୍ୱାର୍ଥପର ଦେଶଦ୍ରୋହୀଙ୍କ କାରଣରୁ ବିଜୟ ପରାଜୟରେ ପରିବର୍ତ୍ତନ ହେବାରେ ଲାଗିଲା। ଫଳତଃ ହେରାତ ଓ ଅନ୍ୟ କିଛି ଅଞ୍ଚଳକୁ ଇଂରେଜମାନେ କବ୍‌ଜା କରିନେଲେ।

ଏହି ଖବର ପାଉପାଉ ସମସ୍ତ ହେରାତବାସୀ ଦୁଃଖରେ ମ୍ରିୟମାଣ ହୋଇଉଠିଲେ। କେବଳ ନସରୁଲ୍ଲାହ ଏପରି ଜଣେ ବ୍ୟକ୍ତି, ଯାହାଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନ ଥିଲା। ଅବଶ୍ୟ କିଛି ଦେଶଭକ୍ତ ଇଂରେଜ ଅଧୀନରେ ବଞ୍ଚିରହିବା ଉଚିତ ମଣି ନ ଥିଲେ, ସେମାନେ ହେରାତ ଛାଡ଼ି ଖୁରାସାନର ଏପରି ସ୍ଥାନରେ ବସବାସ କଲେ, ଯେଉଁଠିକୁ ଏବେ ବି ଇଂରେଜମାନେ ପହଞ୍ଚିପାରି ନାହାନ୍ତି। ଅନେକ ନିଜ ସମ୍ପତ୍ତିକୁ ପାଣି ଭଳି ମୂଲ୍ୟରେ ବିକ୍ରି କରି ନିଜେ ନିଜେ ମଶହଦ ଆଡ଼କୁ ଆଗେଇ ଗଲେ।

ନସରୁଲ୍ଲାହଙ୍କ ଦାୟିତ୍ୱ ବଢ଼ିଗଲା। ଶ୍ରମିକ ଅଭାବଜନିତ କାରଣରୁ ତାଙ୍କୁ ଭଲ ପଇସା ମିଳିଲା। ତାଙ୍କ ଧନ୍ଦା ଭଲ ଭାବରେ ଚାଲିଲା। ସଞ୍ଜବେଳା ସେ ଯାଇ କୌଣସି ଭୋଜନ ଗୃହରେ ବସିବା ମାତ୍ରେ ନଗରବାସୀଙ୍କ ମୂର୍ଖତା ନେଇ ଖୁବ୍ ହସନ୍ତି ଏବଂ ସେମାନଙ୍କୁ ଗାଳି ମଧ୍ୟ ଦିଅନ୍ତି। ତାଙ୍କ ଦୃଷ୍ଟିରେ ଲୋକମାନେ ପାଗଳ ଥିଲେ। ଯେଉଁମାନେ ନିଜ ଜୀବନର ସନ୍ଧ୍ୟା ସମୟରେ ନିଜ ସମ୍ପତ୍ତିକୁ ପାଣି ଭଳି ମୂଲ୍ୟରେ ବିକ୍ରି କରି କେବଳ ଆଶାକୁ ଭରସା କରି ଏପରି ସ୍ଥାନକୁ ଚାଲିଗଲେ, ଯେଉଁଠି ଏମାନଙ୍କୁ କେହି ଜାଣି ନ ଥିଲେ କି ଏମାନେ ନିଜନିଜ ଭବିଷ୍ୟତ କ'ଣ ବୋଲି ଭାବି ନ ଥିଲେ।

ପୃଥିବୀ ତ ପୃଥିବୀ, ଏଠିସେଠିର ଫରକ କ'ଣ? ହେରାତ ଏଇ ପୃଥିବୀର ଗୋଟାଏ ଭାଗ ହେଲେ ମଶହଦ ହେଉଛି ଅନ୍ୟ ଏକ ଭାଗ। ତେବେ ବି ଲୋକମାନେ କୌଣସି କାରଣ ନ ଥାଇ ଏତେ ଝିନ୍‌ଝଟ୍‌ରେ କାହିଁକି ପଡୁଛନ୍ତି? ନସରୁଲ୍ଲାହ ଏହା ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଥିଲେ। ଯେତେବେଳେ ସେ ଲୋକମାନଙ୍କ ଆଖିରେ ବିରହର ଲୁହ ଦେଖିଥିଲେ, କହିଥିଲେ- ''ଏଇ ପାଗଳଙ୍କୁ ଦେଖ, ନିଜେ ନିଜେ ଯିବାର ନିଷ୍ପତ୍ତି ନେଇ, ଏବେ ବିଳାପ କରୁଛନ୍ତି!''

ନସରୁଲ୍ଲାହଙ୍କୁ ଜାଣିଥିବା କିଛି ବୃଦ୍ଧ ବ୍ୟକ୍ତି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଜନ୍ମଭୂମି ହେଉଛି ଅତି ପ୍ରିୟ। ଜନ୍ମଭୂମି ନିଜ ମାଆ ସମାନ! ତା'ର ବିଚ୍ଛେଦରେ ସମସ୍ତଙ୍କୁ ଗଭୀର ଭାବେ ଦୁଃଖ ଲାଗିଥାଏ। ହେଲେ ବି ନସରୁଲ୍ଲାହ ସେମାନଙ୍କ କଥାକୁ ଗ୍ରହଣ କରିବା ସପକ୍ଷରେ ନ ଥିଲେ।

ଦିନେ ନଗରର ଜନୈକ ଧନୀକ ବ୍ୟକ୍ତି ତାଙ୍କୁ ଡକାଇ କହିଲେ- ''ଏବେ ତୁମେ ବୃଦ୍ଧ ହୋଇଗଲଣି। ଶ୍ରମିକ ଭଳି କଷ୍ଟଦାୟକ କାମ କରିବାର ଶକ୍ତି ତୁମ ପାଖରେ ଆଉ ନାହିଁ। ମୁଁ ହେରାତ ଛାଡ଼ି ଚାଲିଯାଉଛି। ଏଇ ନଗର ବାହାରେ ମୋର ଛୋଟିଆ ବଗିଚାଟିଏ ଅଛି। ତାକୁ ବିକିବା ପାଇଁ ମୋତେ କେହି ଗ୍ରାହକ ମିଳିଲେ ନାହିଁ। ମୁଁ ସେଠାରୁ ଫେରି ଆସି ପାରିବି କି ନାହିଁ ଜାଣେନି। ମୁଁ ସେଇ ବଗିଚାଟିକୁ ତୁମକୁ ଦେଉଛି। ତୁମେ ଦେଖାଶୁଣା କରିବ। ମୁଁ ମଧ୍ୟ ଏପରି ବ୍ୟବସ୍ଥା କରିଛି ଯେ ମୋ' ସମ୍ପତ୍ତିର ଆୟରୁ କିଛି ପଇସା ତୁମକୁ ପ୍ରତ୍ୟେକ ମାସରେ ମିଳିବ। ଏବେ ତୁମକୁ ଆଉ ନିଜ ଭଗ୍ନ ଶରୀରକୁ ଯନ୍ତ୍ରଣା ଦେବାର କୌଣସି ଆବଶ୍ୟକତା ନାହିଁ...''

ନସରୁଲ୍ଲହା ଅନୁଭବ କଲେ ଯେ କଥାଟା ସତ! ସେ ବୁଢ଼ା ଓ ଶକ୍ତିହୀନ! ପାପୀ ପେଟକୁ ପୂରଣ କରିବା ପାଇଁ ଏଇ ବୟସରେ ଏତେ ଅଧିକ କାମ କରିବାକୁ ପଡୁଛି। ସେ ଏଇ ସୁଯୋଗକୁ ହାତଛଡ଼ା କରିବାକୁ ପସନ୍ଦ ନ କରି ସଙ୍ଗେସଙ୍ଗେ ଶେଯ ତକିଆ ଧରି ସେଇ ବଗିଚାଆଡ଼କୁ ଅଗ୍ରସର ହେଲେ।

ନିୟମାନୁସାରେ ସେ ପ୍ରାତଃକାଳରେ ଶଯ୍ୟା ତ୍ୟାଗ କରନ୍ତି। ନିଜର ସବୁ ସମୟକୁ ଗଛଲତା ଉପରେ କେନ୍ଦ୍ରୀଭୂତ କରି ଫୁଲ ସବୁକୁ ସାଇତି ରଖନ୍ତି। ଯେତେବେଳେ ଏଇ କାମରେ ଥକି ପଡ଼ି ଝରଣା କୂଳରେ ବସିପଡ଼ନ୍ତି, ବଗିଚାର ଉନ୍ନତି ପାଇଁ ଭାବିଚାଲନ୍ତି।

ହଠାତ୍ ଦିନେ ସେ ଦେଖିବାକୁ ପାଇଲେ, ପାଣି ପ୍ରବାହ ଯୋଗୁ ଯେଉଁ ପଥରଗୁଡ଼ିକ ଝରଣାର ତଳଭାଗରେ ପଡୁଥିଲା, ସେମାନେ ମିଳିମିଶି ନିଜର ଗୋଟାଏ ଘର ସେଇଠି ତିଆରି କରିନେଲେ। ପ୍ରବାହିତ ପାଣି ସହ ସେମାନେ ନିରନ୍ତର ସଂଘର୍ଷ କରୁଥିଲେ। ପାଣି ତାଙ୍କୁ ଧକ୍‌କା ଦେଇ ସେଠାରୁ ବାହାରକୁ ଫୋପାଡ଼ିବାର କାର୍ଯ୍ୟରେ ଥିବାବେଳେ ଛୋଟ ଛୋଟ ପଥରଗୁଡ଼ିକ ସେଠାରୁ ହଟିବାର ନାଁ ଧରୁ ନ ଥିଲେ। ଗୋଲାକାର ଭାବେ ଚକ୍କରକାଟି ସେଠାକୁ ଆସି ଯାଉଥିଲେ।

ଆଉ ଦିନେ ଇଂରେଜମାନେ ହେରାତ ଉପରେ ଆଖି ପକାଇଲେ। ଯେଉଁମାନେ ଚାଲି ଯାଇଥିଲେ ସେମାନଙ୍କ ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେବାରେ ଲାଗିଲେ। ନସରୁଲ୍ଲାହଙ୍କ ବଗିଚା ମଧ୍ୟ ବାଦ୍ ପଡ଼ିଲା ନାହିଁ। ସେ ବଗିଚା ଛାଡ଼ି ଯିବାକୁ ବାଧ୍ୟ ହେଲେ। ଇଂରେଜମାନେ ଏପରି ଦୁର୍ବଳିଆ ମାଳିକୁ ବଗିଚାର ଦେଖାଶୁଣା ପାଇଁ ଦାୟିତ୍ୱ ଦେବା ସପକ୍ଷରେ ନ ଥିଲେ।

ବଗିଚାରୁ ବାହାର କରିଦେବା ପରେ ବି ସେ ପ୍ରତ୍ୟେକ ଦିନ ଅନାୟାସରେ ବଗିଚାର ପ୍ରବେଶଦ୍ୱାରରେ ଯାଇ ଛିଡ଼ାହୁଅନ୍ତି। ବଗିଚାର ଗଛବୃକ୍ଷକୁ ଶୋଷିଲା ଆଖିରେ ଦେଖିଚାଲନ୍ତି। ଏବେ ସେ ପ୍ରଥମେ ଯେପରି ସଂସାରରୁ ବନ୍ଧନମୁକ୍ତ ଓ ସ୍ୱଚ୍ଛନ୍ଦ ମଣିଷ ପରି ମଣିଷ ନ ଥିଲେ। ସେଇ ବଗିଚା ତାଙ୍କୁ ଏପରି ମୋହିତ କରି ନେଇଥିଲା ଯେ ସେ ନଗରର ଯେଉଁଠି ଥିଲେ ବି ପ୍ରତ୍ୟେକ ଦିନ ବଗିଚା ପାଖକୁ ଚାଲି ଆସୁଥିଲେ। ନୂଆ ମାଲିକକୁ ଗାଳି ଦେଇ ଦେଇ ଯେତେବେଳେ କ୍ଳାନ୍ତ ହୋଇ ପଡ଼ନ୍ତି, ବଡ଼ ପାଟିରେ କାନ୍ଦି ପକାଉଥିଲେ। ତାଙ୍କ ପାଇଁ ରୋଜଗାର କରିବାର ଆଉ କିଛି ରାସ୍ତା ହିଁ ନ ଥିଲା। ତେବେ ସେ ଶ୍ରମିକ ଭାବରେ କଠିନ କାର୍ଯ୍ୟ କରିବା ପାଇଁ ମନସ୍ଥ କଲେ।

ଦୁଇମାସ ପୂର୍ବରୁ ସେ ସେହି କାମ କରୁଥିଲେ। ହେଲେ ଏବେ ସେ ଆଉ କାମ କରି ପାରିଲେ ନାହିଁ। କିଛି କାମ କରିବା ପରେ ତାଙ୍କୁ ଧଇଁସଇଁ ଲାଗେ ଓ ତାଙ୍କର'ପାଦ ଫୁଲିଯାଏ।

ଦିନେ ତାଙ୍କର ସେଇ ଛୋଟ ଛୋଟ ପଥରର ସ୍ମୃତି ମନେପଡ଼ିଗଲା, ଯେଉଁଗୁଡ଼ିକ ପ୍ରବାହିତ ପାଣି ସହ ସଂଘର୍ଷ କରୁଥିଲେ, ଚକ୍‌କର କାଟି କାଟି ନିଜ ନିଜ ସ୍ଥାନରେ ଆସି ଜମାଟ ବାନ୍ଧୁଥିଲେ। ସେହିଦିନ ପରଠାରୁ ନସରୁଲ୍ଲାହଙ୍କୁ କେହି ହେରାତରେ ଦେଖିବାକୁ ପାଇ ନ ଥିଲେ। ଦୁଇମାସ ପରେ ଦେହଖାରକାନର ଲୋକମାନେ ସଡ଼କ ଉପରେ ଏପରି ଜଣେ ବୃଦ୍ଧକୁ ନିଜର ନଇଁ ପଡ଼ିଥିବା ପିଠିରେ ଗଣ୍ଠିଲି ଧରି ବାଡ଼ି ସାହାରାରେ ଚାଲିବାର ଦେଖିଲେ, ଯିଏ କି କିଛି ବର୍ଷ ପୂର୍ବର ଏକ ସଶକ୍ତ ଯୁବକ ସହ ମେଳଖାଉଥିଲା। ସେ ଧୀରେ ଧୀରେ ରଜବ ଅଲ୍ଲୀର ଘର ଆଡ଼କୁ ମୁହାଁଉଥିଲା। ସେଇ ରଜବଅଲ୍ଲୀ, ଯାହାର ନସରୁଲ୍ଲାହ ନାମକ ପୁଅଟିଏ ଥିଲା।

କୋରିଆପଲ୍ଲା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା


ମୋ: ୯୩୩୭୩୬୯୪୪୮



# ପୁସ୍ତକ ପରିଚୟ

## ଭାବାଳାପ

**ସମ୍ପାଦକ:** ଭାଗୀରଥି ମିଶ୍ର
**ପ୍ରକାଶକ:** ରଚନା, ଲାଲଟିକ୍ରା, ବଲାଙ୍ଗୀର-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୩୦୦/-



'ଭାବାଳାପ' ପ୍ରଖ୍ୟାତ ଓଡ଼ିଆ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସହ ବିଭିନ୍ନ ସମୟ (୧୯୭୯ରୁ ୨୦୧୭)ରେ ହୋଇଥିବା ସାକ୍ଷାତ୍‌କାରର ଏକ ସମୟୋପଯୋଗୀ ସଂକଳନ। ଏଥିରେ ୧୭ଟି ଓଡ଼ିଆ ଭାଷାରେ ଓ ଗୋଟିଏ ଇଂଲିଶ୍ ଭାଷାରେ ଗୃହୀତ ସାକ୍ଷାତ୍‌କାର (ଓଡ଼ିଆ ଅନୁବାଦ ସହ) ସାଙ୍ଗକୁ ସଂଯୋଜିତ ହୋଇଛି ୧୯୮୫ରେ 'ଶୈଳକଳ୍ପ' କବିତା ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଗ୍ରହଣକାଳୀନ କବିଙ୍କ ବକ୍ତବ୍ୟ 'Poet Craft.' ପରିଶେଷରେ ରହିଛି କବିଙ୍କର ସଂକ୍ଷିପ୍ତ ଜୀବନୀ ଓ କୃତିଲିପି। ଯେଉଁମାନଙ୍କର ସାକ୍ଷାତ୍‌କାର ସଂକଳନରେ ସ୍ଥାନିତ, ସେମାନେ ହେଲେ- ପ୍ରଦୀପ କୁମାର ପଣ୍ଡା, ପ୍ରସନ୍ନ କୁମାର ମହାନ୍ତି, ଗିରିଜା କୁମାର ବଳିୟାରସିଂହ, ଗାୟତ୍ରୀବାଳା ପଣ୍ଡା, ହୃଷୀକେଶ ମଲ୍ଲିକ, ପବିତ୍ର ମୋହନ ଦାଶ, ଶକୁନ୍ତଳା ପଣ୍ଡା, ଗୌରହରି ଦାସ, ଦେବୀଦାସ ମିଶ୍ର ଓ ରାମକୃଷ୍ଣ ସାହୁ, ଅକ୍ଷୟ ବେହେରା ଓ କ୍ଷୀରୋଦ ପରିଡ଼ା, ବାଉରୀବନ୍ଧୁ କର ଓ ନବ କିଶୋର ମିଶ୍ର, ଶୁଭ୍ରାଂଶୁ ପଣ୍ଡା, ଜୟଶ୍ରୀ ମିଶ୍ର, ମନୋଜ ମେହେର, ସୁଶାନ୍ତ ଏବଂ ରବୀନ୍ଦ୍ର କୁମାର ସ୍ୱାଇଁ। ରବୀନ୍ଦ୍ରଙ୍କ ଇଂଲିଶ୍ ସାକ୍ଷାତ୍‌କାର 'To Arrive is to Die'ର ଓଡ଼ିଆ ଅନୁବାଦ କରିଛନ୍ତି ମମତା ଦାଶ 'ପହଞ୍ଚିବାଟା ମରିଯିବା' ଶୀର୍ଷକରେ। ଗ୍ରନ୍ଥାରମ୍ଭରେ ରହିଛି ସଂକଳକ କବି ଭାଗୀରଥି ମିଶ୍ରଙ୍କର ଏକ କ୍ଷୁଦ୍ର ଗଦ୍ୟଲେଖ, ଯେଉଁଥିରୁ ବାରି ହେଇପଡ଼େ ଅଗ୍ରଜ କବି ରାଜେନ୍ଦ୍ର ଓ ତାଙ୍କ କବିତା ପ୍ରତି ଥିବା ତାଙ୍କ ପ୍ରତିବଦ୍ଧତାର ସଂକଳ୍ପ। ବହିଟି ରାଜେନ୍ଦ୍ର ଅନୁଗାମୀ ତଥା ଗବେଷକଙ୍କ ପାଇଁ ଯେ ପଥକୃତ୍ ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ।

## ଅଫେରା

**କବି:** ପ୍ରଦୀପ କୁମାର ପଣ୍ଡା
**ପ୍ରକାଶକ:** ରଚନା, ଲାଲଟିକ୍ରା, ବଲାଙ୍ଗୀର-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୦/-

୪୧ଟି କବିତା ଓ ୪ଟି କବିତା ସମ୍ପର୍କିତ ଗଦ୍ୟଲେଖକୁ ନେଇ 'ଅଫେରା' ପରିକଳ୍ପିତ। କବିତାଗୁଡ଼ିକରେ ଅନୁଭବର ଯେଉଁ ସୂକ୍ଷ୍ମତା ଓ ଭାଷାରେ ତାକୁ ଧରି ରଖିବାର ଯେଉଁ ସଣ୍ଣା- ତାହା କବି ପ୍ରଦୀପଙ୍କୁ ସମକାଳର ଓଡ଼ିଆ କବିତାରେ ଅଲଗା କରି ରଖିଏ।



ନିମ୍ନର ଉଦ୍ଧୃତି ଦୁଇଟିକୁ ଲକ୍ଷ୍ୟ କରାଯାଉ- ୧. "ସଂଜ ନଇଁ ଆସିଲା/ ଶାଗୁଆ ଗଛମାନେ ଘନେଇଲେ/ ଚଢ଼େଇମାନଙ୍କର ଚିଁ ଚିଁ ଥମିଗଲା/ ବାଲି ଶୀତଳ ହେଲା/ ଆଖି ଲିଭି ଆସିଲା।" (ବାଟ, ପୃ:୫୦), ୨. "ବିଜନ ମାଷ୍ଟ୍ରଙ୍କୁ ଆଜି ଭେଟିଲି ରାସ୍ତାରେ/ ବଡ଼ ବିଷଣ୍ଣ ଦିଶୁଥିଲେ ସେ/ ତାଙ୍କ ପାଇଁ ଉଦ୍ଦିଷ୍ଟ ଜାଗାଖଣ୍ଡକ ମଶାଣିର/ ମାଡ଼ି ବସିଥିଲା ଆଉ ଜଣେ କେହି/ ଯାହାକୁ ମୁଁ ଭେଟିନାହିଁ ଏଯାଏଁ।" (ବର୍ଷା, ପୃ:୧୪)। ଜୀବନର ଗୂଢ଼ତମ ସିଆରମାନଙ୍କୁ ଛୁଇଁ ଛୁଇଁ ଯାଏ କବିଙ୍କର ଲେଖନୀ ପୁନ, ପୁଲକି ଉଠେ ବିସ୍ମୟରେ ଶବ୍ଦର ଅର୍ଥ, ବିଅର୍ଥ। ଦେହ ଭୋଗର ସର୍ତ୍ତ ସତ୍ତ୍ୱେ ବିଦେହ ଭୋଗେ ଶ୍ରୀ ପଣ୍ଡାଙ୍କ କବିତା। କବିତାର ଅବର୍ଣ୍ଣନୀୟତାକୁ ବଖାଣନ୍ତି କବି ଏହିପରି: "ନିଜକୁ ଚିହ୍ନିବା ଓ ଜୀବନକୁ ଜାଣିବା ପାଇଁ କେତେ କସରତ କଲି, ନୀରବତାକୁ ସହସ୍ର ସହସ୍ର ଶବ୍ଦ ପିନ୍ଧାଇ କବିତା ଗଢ଼ିବାର ପ୍ରୟାସ କଲି: କ'ଣ କିଛି କହିପାରିଲି? ନିଅଣ୍ଟ ହେଲା ବର୍ଣ୍ଣମାଳା।" ('ସାଦା ପୃଷ୍ଠାରୁ ବାହାରି ଆସିଥିବା ବାକି ଜୀବନ'- ପୃ: ୯୦)। 'ଅଫେରା' କବିତା ବହିଟିକୁ ଆଡ଼େଇ ବସିଲେ ଫେରିବାକୁ ମନ ଡାକେ କ୍ୱଚିତ୍ ମଗ୍ନ ପାଠକର।

## ସାଫ୍ରନ୍ ସୋର୍ଡସ୍

**ମୂଳ ଇଂଲିଶ୍:** ମାନସୀ ସିହ୍ନା ରାଓଲ, ଯୋଗାଦିତ୍ୟ ସିଂ ରାଓ୍ୱଲ
**ଭାଷାନ୍ତର:** ଅନ୍ତର୍ଯାମୀ ମହାରଣା
**ପ୍ରକାଶକ:** ଗରୁଡ଼ ପ୍ରକାଶନ ପ୍ରାଇଭେଟ୍ ଲିମିଟେଡ୍, ଗୁରୁଗ୍ରାମ, ଭାରତ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୪୪୯/-

ବହିର ଅଗ୍ରଲେଖରେ ମେଜର ଜେନେରାଲ ଜି.ଡି. ବକ୍ସି ଲେଖିଛନ୍ତି: "ଦୀର୍ଘ ୧୩୦୦ ବର୍ଷ ଭିତରେ ଯେଉଁସବୁ ବୀର-ବୀରାଙ୍ଗନାଙ୍କ ବୀରତ୍ୱ ଲୁକ୍କାୟିତ ଓ ଅଜ୍ଞାତ ହୋଇ ରହିଯାଇଛି... ସେ ସବୁକୁ ଶ୍ରୀମତୀ ମାନସୀ ସିହ୍ନା ରାଓ୍ୱଲ ଏବଂ ଯୋଗାଦିତ୍ୟ ସିଂ ରାଓ୍ୱଲ ଉକ୍ତ 'ସାଫ୍ରନ୍ ସୋର୍ଡସ୍' ପୁସ୍ତକ ମାଧ୍ୟମରେ ଲୋକଲୋଚନକୁ ଆଣିଛନ୍ତି। ତନ୍ମଧ୍ୟରୁ ଏଠାରେ ୫୨ ଜଣ ଚରିତ୍ରଙ୍କ ପରାକ୍ରମ ବିଷୟରେ ଉଲ୍ଲେଖ ହୋଇଛି।" ଏହି ୫୨ ଜଣଙ୍କ ମଧ୍ୟରେ ତ୍ରୟୋଦଶ ଶତାବ୍ଦୀର ଉତ୍କଳୀୟ ରାଜା ଲାଙ୍ଗୁଳା ନରସିଂହ ଦେବ (ଯେ କି ବଙ୍ଗର ତୁର୍କ ନବାବ ତୁଗା ଖାଁଙ୍କୁ ପରାସ୍ତ କରିଥିଲେ) ଓ ଢେଙ୍କାନାଳର ବାଜି ରାଉତଙ୍କ ପରାକ୍ରମ ସ୍ଥାନ ପାଇଛି। ମୁଖବନ୍ଧରେ ମାନସୀ ଉଲ୍ଲେଖ କରିଛନ୍ତି: "ଏ ମାଟିର ପ୍ରକୃତ ବୀର-ବୀରାଙ୍ଗନାଙ୍କୁ ଭାରତୀୟ ଇତିହାସ ପାଠ୍ୟପୁସ୍ତକ କେବେ ମହିମାମଣ୍ଡିତ କରିପାରିନି। କିଛି ନିର୍ବାଚିତ ଯୋଦ୍ଧା ପାଠ୍ୟପୁସ୍ତକରେ ସ୍ଥାନ ପାଇଛନ୍ତି ଯାହା। × × ଭାରତବର୍ଷରେ ଅନେକ ବୀରଯୋଦ୍ଧାଙ୍କର ପରାକ୍ରମର କାହାଣୀ ଥାଇ ମଧ୍ୟ ଆମେ ଯେଉଁମାନଙ୍କ ଗୌରବ-ଗରିମା ପଢ଼ି ବଡ଼ ହେଉଛୁ... ସେମାନେ ହେଲେ ଆକ୍ରମଣକାରୀ।"



ଏହି ପରିପ୍ରେକ୍ଷୀରେ ମାନସୀ ଓ ଯୋଗାଦିତ୍ୟଙ୍କର ଅନାଲୋଚିତ ଭାରତୀୟ ବୀର-ବୀରାଙ୍ଗନାଙ୍କୁ ନେଇ ଏପରି ଏକ ପୁସ୍ତକର ପରିକଳ୍ପନା ବାସ୍ତବିକ ଅଭିନନ୍ଦନୀୟ। ଅନ୍ତର୍ଯାମୀଙ୍କ ଅନୁବାଦ ମଧ୍ୟ ମୂଳ ଭାଷା ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ ହୋଇପାରିଛି। ବହିଟିର ସବିଶେଷ ଆଦୃତି ଅବଧାରିତ।

## ସନେଟ୍ ତୁମ ପାଇଁ

**କବି:** ମନୋଜ ପଟ୍ଟନାୟକ
**ପ୍ରକାଶକ:** ସତ୍ୟନାରାୟଣ ବୁକ୍ ଷ୍ଟୋର୍, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/-


'ସନେଟ୍ ତୁମ ପାଇଁ'ରେ ସ୍ଥାନିତ ଶହେ ବାଉନଟି ସନେଟ୍, ଯହିଁରେ ସନେଟ୍‌କାରଙ୍କ ଜୀବନ ଓ ଜଗତଦୃଷ୍ଟି ପରିଚ୍ଛନ୍ନ ଭାବେ ରୂପ ଘେନିଛି। ମନୋଜ ଲେଖିଛନ୍ତି: "ଏକ ଆକସ୍ମିକ ଉଚ୍ଛ୍ୱାସରୁ ମୋର 'ସନେଟ୍' ଲେଖାର ଆରମ୍ଭ। × × ମୋ' ଭିତରେ ହଠାତ୍ ଏହି ଅଲଗା ବାଗର ସୃଜନଧାରା କେମିତି ଯେ ଅଙ୍କୁରିତ ହେଲା, ମୁଁ ଜାଣେନା। ଏହି ଧାରାର ପାଗଳାମିରେ ମୁଁ ସମ୍ପୂର୍ଣ୍ଣ ଭାବରେ ଆପ୍ଲୁତ ହୋଇଗଲି। ମଜ୍ଜିଗଲି।" ('କିଛି ଅକ୍ଷରରେ') ପ୍ରତ୍ୟେକଟି କବିତାରେ ରୂପ ଓ ସ୍ୱପ୍ନର ନିରାଜନା ରୋମାଣ୍ଟିକ୍ ଏକ ଅପୂର୍ବ ଭାବାବେଗରେ ଏପରି ଆପ୍ଲୁତ ଯେ, ପାଠକର ମନ ତୃପ୍ତିରେ ବିଭୋର ହୋଇଉଠେ। ଉଦାହରଣଟିଏ ନେବା- "ଆଜି ତ ଆରମ୍ଭ କଦମ୍ବ ଋତୁରେ ବର୍ଷାର ଅଭିଷେକ/ଚନ୍ଦ୍ରିକା ଘେରା ଉଆସକୁ ତୁମ ଆସିଚି ମୁଁ ଆଗନ୍ତୁକ/କୃଷ୍ଣ ବାଦଲର ମୁକ୍ତ ମୁକୁଳା ଅଭିସାର ଆକାଶରେ /ଶୂନ୍ୟ ପରାଣ ପୂର୍ଣ୍ଣତା ଖୋଜେ ତୁମ ସୂକ୍ଷ୍ମ ତନୁତୀରେ।" (କଦମ୍ବ ଋତୁ- ପୃ:୧୩)। ଶବ୍ଦ ଚୟନ ଓ ଶବ୍ଦ ବସାଣରେ କବିଙ୍କ ନିରୂଢ଼ାପଣ ପାଠିକାପାଠକଙ୍କ ଦୃଷ୍ଟି ଆଡ଼େଇ ଯାଏ ନାହିଁ। ଓଡ଼ିଆ ସନେଟ୍ ଶୃଙ୍ଖଳାର କ୍ରମୋତ୍ତରଣରେ 'ସନେଟ୍ ତୁମ ପାଇଁ' ଯେ ଏକ ସ୍ମରଣୀୟ ସଂଯୋଗ- ଏଥିରେ କ୍ୱଚିତ୍ ଦ୍ୱିମତ ହେଇହୁଏ।



## PARADOXES OF LIFE

**ଲେଖିକା:** ଡ. ସୁଜାତା ଶୁଭଦର୍ଶିନୀ ନାୟକ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୦୦/-

ଆଲୋଚ୍ୟ ଉପନ୍ୟାସଟି ଲେଖିକାଙ୍କର ପ୍ରଥମ ଉପନ୍ୟାସ, ଯଦିଓ ଏହା ତାଙ୍କର ଦ୍ୱିତୀୟ ପ୍ରକାଶିତ ପୁସ୍ତକ। ସ୍ୱଳ୍ପ ରଚନା, ଗଳ୍ପ ଓ କବିତା ଲେଖାରେ ପୂର୍ବ ଅଭିଜ୍ଞତା ଥାଇ ଲେଖିକା ଯେହେତୁ ଉପନ୍ୟାସ ସଂରଚନାରେ ମନୋନିବେଶ କରିଛନ୍ତି, ଏହା ସ୍ୱାଭାବିକ ଯେ ଏଥିରେ ତାଙ୍କ ସୃଜନଶୀଳତା ସ୍ୱତଃ ଲଳିତ ଓ ଅର୍ଥପୂର୍ଣ୍ଣ ହୋଇଉଠିବ। ପ୍ରଚ୍ଛଦଲେଖରେ କୁହାଯାଇଛି ଯେ, ଉପନ୍ୟାସଟି ହେଉଛି ବନ୍ଧୁତା ଓ ପ୍ରେମର ଏକ କରୁଣ ଗଳ୍ପ, ଯେଉଁ ଗଳ୍ପର ନାୟିକା ଚରିତ୍ର ସଂହାରର ଶିକାର ହୋଇଛି। ଅପବାଦର ଡିଣ୍ଡିମ ବାଜିଛି ତା' ନାଁରେ, ମାତ୍ର ପରିବାର ଓ ବନ୍ଧୁମାନଙ୍କ ଅକୃତ୍ରିମ ସହଯୋଗରୁ ସେ ଜୀବନରେ ତିଷ୍ଠି ରହିଛି।



ପରିଣତିରେ ତା'ର ବିବାହ ନିଜ ବାଲ୍ୟବନ୍ଧୁ ସହ ସମ୍ପନ୍ନ ହୋଇଛି ଓ ଉଭୟେ ଓଡ଼ିଶା ସରକାରଙ୍କ ପ୍ରଶାସନିକ ସେବାରେ ନିୟୋଜିତ ହୋଇଛନ୍ତି। ଜୀବନର ନାନା ବୈପରୀତ୍ୟ ମଧ୍ୟରେ ଜୀବନର କ୍ରମାରୋହଣକୁ ସୁଜାତା ଖୁବ୍ ଚମତ୍କାର ଓ ସୁଖପାଠ୍ୟ ଇଂଲିଶ୍‌ରେ ବ୍ୟକ୍ତ କରିବାକୁ ସମର୍ଥ ହୋଇଥିବାରୁ ପଠନ-କ୍ଳାନ୍ତିରେ କୁତ୍ରାପି ପାଠକ ପୀଡ଼ିତ ହୁଏ ନାହିଁ। ଏକ ଭଲ ଉପନ୍ୟାସ ବା ଗଳ୍ପରେ ଯଦି ବାଧାହୀନ ପ୍ରବହମାନତା ସବୁଠୁଁ ବଡ଼ ସକାରାତ୍ମକ ଲକ୍ଷଣ ହୁଏ, ତେବେ "Paradoxes of Life"ଯେ ତା'ର ଏକ ବଳିଷ୍ଠ ଉଦାହରଣ- ଏଥିରେ ନିଃସନ୍ଦେହ ରହିବାକୁ ହୁଏ।

---

**ଲଘୁ ଗଳ୍ପ**

# ଚୋର

**ମୟୂରୀ ଦାଶ**

॥ ୧ ॥

ଛକ ପାଖର ଟିଫିନ୍ ଦୋକାନରେ ସବୁଦିନ ଭଳି ଭିଡ଼ ଥାଏ। କେତେ ଲୋକ ସାମ୍ନା ବେଞ୍ଚରେ ବସି ଖାଉଥା'ନ୍ତି। ଦୋକାନୀ ୪-୫ ଜଣ ଗରାଖଙ୍କ ହିସାବ କରୁଥାଏ। ଦୋକାନରେ କାମ କରୁଥିବା ଅନ୍ୟ ଜଣେ ପିଲା କେତେକ ଗରାଖଙ୍କ ପାଇଁ ଟିଫିନ୍ ପ୍ୟାକ୍ କରୁଥାଏ। ଠିକ୍ ସେତିକିବେଳେ ଏକ ମଳିଛିଆ ଡ୍ରେସ୍‌ପିନ୍ଧା, ଜୀର୍ଣ୍ଣ ଶରୀରଧାରୀ ବ୍ୟକ୍ତି ଆସି ଦୋକାନ ସାମ୍ନାରେ ଛିଡ଼ା ହେଲା। ଏହିଭଳି ଜଣେ ଅନାକର୍ଷକ ବ୍ୟକ୍ତି ଆଡ଼କୁ କାହାର ଧ୍ୟାନ ନ ଯିବା ସ୍ୱାଭାବିକ। ବ୍ୟକ୍ତି ଜଣକର ନଜର ସଦ୍ୟ ଛଣା ହୋଇଥିବା ସିଙ୍ଗଡ଼ା ଓ ବରା ଉପରେ ଥିଲା। କିନ୍ତୁ ତାହାର ଦୃଷ୍ଟିରେ ଲୋଲୁପତା ନ ଥିଲା। ଥିଲା କେବଳ ଭୟ ଓ ଆଶାର ମିଶ୍ରଭାବ। ସେ ଧୀରେଧୀରେ ଦୋକାନ ଆଡ଼କୁ ବଢ଼ିବାକୁ ଲାଗିଲା ଏବଂ ଆଖି ପିଛୁଳାକେ ହାତରେ କେତୋଟି ସିଙ୍ଗଡ଼ା ଓ ବରା ଧରି ଦୌଡ଼ିବାକୁ ଲାଗିଲା। ଦୋକାନୀ ପାଟି କରିବାକ୍ଷଣି କେତେଜଣ ଲୋକ ତା' ପଛରେ ଦଉଡ଼ି ଦଉଡ଼ି ତାକୁ କାବୁ କରିନେଲେ। ଦୁଇ ଚାରି ବିଧା ପିଠିରେ ପଡ଼ିବାମାତ୍ରେ ଲୋକଟି ନେହୁରା ହୋଇ କହିଲା- "ମୋତେ ଛାଡ଼ିଦିଅନ୍ତୁ ଆଜ୍ଞା! ମୁଁ ଗରିବ ଲୋକ। ମୁଁ ଏ ଖାଦ୍ୟ ମୋ' ପାଇଁ ଚୋରି କରି ନାହିଁ। ମୋ' ପୁଅ ସିଙ୍ଗଡ଼ା ବରା ଖାଇବା ପାଇଁ ଜିଦ୍ କରିବାରୁ ମୁଁ ଚୋରି କରିବା ପାଇଁ ବାଧ୍ୟ ହେଲି। ଦୁଇ ଓଳି ଖାଇବା ପାଇଁ ମୁଁ ପାଏ ନାହିଁ। ଏଭଳି ଖାଇବା କୁଆଡୁ ଆଣିବି!" ଏ କଥା ଶୁଣି ଲୋକମାନେ ତାକୁ ଛାଡ଼ିଦେଲେ।

॥ ୨ ॥

ରାତି ପ୍ରାୟ ସାଢ଼େ ଗୋଟାଏ ହୋଇଥାଏ। ଘର ଭିତରେ ଦୁଲ୍ କରି କ'ଣ ଗୋଟିଏ ଶବ୍ଦ ହେଲା। ବେଡ୍‌ରୁମ୍‌ରେ ଶୋଇଥିବା ସୁଜିତ ଓ ସ୍ତ୍ରୀ ସୁନୀତା ଚମକି ପଡ଼ି ନିଦରୁ ଉଠି ପଡ଼ିଲେ। ଦୁହିଁଙ୍କ ମନରେ ଭୟ। ଚୋର ଆସିବାର ଆଶଙ୍କା ଥିଲା ମନରେ। ଏକ ଅଯାଚିତ ଭୟରେ ଦୁହେଁ ଦୁହିଁଙ୍କୁ ଜାବୁଡ଼ି ଧରିଲେ। ବାରମ୍ବାର ମନେପଡ଼ିଗଲା ଖବରକାଗଜରେ ନିୟମିତ ବାହାରୁଥିବା ଚୋରି, ହତ୍ୟା, ଲୁଟ୍ ଆଦି ଘଟଣା। କିଛି ସମୟ ପରେ ପ୍ରକୃତିସ୍ଥ ହୋଇ, ସାହସ ସଞ୍ଚୟ କରି ଦୁହେଁ ବେଡ୍‌ରୁମ୍‌ର ଗେଟ୍ ଆଢ଼େ ଦେଖିବାକୁ ଉଦ୍ୟତ ହେଲେ। କେହି ଜଣେ ରୋଷେଇ ଘର ଆଖପାଖରେ ଚଳପ୍ରଚଳ କରିବା ଭଳି ମନେହେଲା। ଧୀରେଧୀରେ ପାଖକୁ ଯାଇ ଦେଖିବା ପରେ ସୁଜିତ ପାଟିରୁ ସ୍ୱତଃ ରାଗ ଓ ବିରକ୍ତିମିଶା ସ୍ୱର ବାହାରିପଡ଼ିଲା- "ବାପା! ଏ କ'ଣ କରୁଛ? ଏତେ ରାତିରେ ତମକୁ ନିଦ ହଉନି? ନିଜେ ଶୋଉନ କି ମୋତେ ଆଉ ତମ ବୋହୂକୁ ବି ଶୋଇବାକୁ ଦଉନ। ଆମେ ଚୋର ବୋଲି ଭାବି ଡରିଗଲୁ।" ବାପା ଭୟମିଶା ସ୍ୱରରେ କହିଲେ- "ବାବୁରେ ଆଜି ବୋହୂ ଦେଇଥିବା ଖାଇବାରୁ ଟିକେ ଅଧିକ ଗନ୍ଧ ବାହାରୁଥିଲା। ସବୁଦିନ ବାସିଗନ୍ଧ ହେଲେ ବି ମୁଁ ଖାଇଦେଉଥିଲି। ଆଜି ଖାଇପାରିଲି ନାହିଁ। ଭୋକରେ ନିଦ ବି ହେଲାନି। ସେଥିପାଇଁ ଚୁଡ଼ା ଡବାଟା କାଢ଼ୁକାଢ଼ୁ ହାତରୁ ଖସିଗଲା।" ଏ କଥା ଶୁଣି ସୁନୀତା ରାଗ ତମତମ ହୋଇ ଭିତର ଘରକୁ ଚାଲିଗଲା, ପରେ ସୁଜିତ ବି ତା' ପଛେପଛେ ଚାଲିଲା। ବାପା ଚୁଡ଼ାଗୁଡ଼ିକୁ ତଳୁ ଗୋଟାଉ ଗୋଟାଉ ଭାବୁଥିଲେ- "କି ସମୟ ଆସିଲା ଯେ ନିଜ ଘରେ ମୁଁ ଚୋର ହେଇଗଲି!"

ମୋ: ୯୯୩୭୯୭୯୯୯୧